

ଯଦି ଜଣେ ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
- କନ୍‌ଫୁସିୟସ



## ସଂକ୍ଷେପରେ

### ଆନ୍ତଃ କ୍ଲବ କ୍ରିକେଟ : କେଏନ୍‌ଏସ୍ ଯାଜପୁର ରୋଡ୍ ବିଜୟୀ

**ଧର୍ମଶାଳା,୩୧।୧(ଡି.ଏନ୍.ଏ.):** ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାରର ମ୍ୟାଚରେ ବିଏମ୍‌ସିସି ଗୋଲକୁଣ୍ଡକୁ ୩୩୧ ରନରେ ପରାସ୍ତ କରି କେଏନ୍‌ଏସ୍ ଯାଜପୁର ରୋଡ ଟିମ୍ ବିଜୟୀ ହୋଇଛି। ପ୍ରଥମେ ଯାଜପୁର ରୋଡ ଟିମ୍ ବ୍ୟାଟିଂ କରି ୪୫ଓଭରରେ ୩ୱିକେଟ ହରାଇ ୫୭୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଦର୍ଶ କୁମାର ମହାନ୍ତି ୨୧୧ ଓ ଆଦିତ୍ୟ ଜେନା ୧୮୦ରନ କରିଥିଲେ। ବିପକ୍ଷ ଗୋଲକୁଣ୍ଡ ଟିମ୍ ପକ୍ଷରୁ ସ୍ମିତିରଞ୍ଜନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଗୋଲକୁଣ୍ଡ ଟିମ୍ ୩୨.୩ ଓଭରରେ ସମସ୍ତ ୱିକେଟ ହରାଇ ୧୩୯ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସତ୍ୟରଞ୍ଜନ ଧଳ ୫୬ ଓ ସଲୁ ସୁମନ ୧୭ ରନ କରିଥିଲେ। ବିପକ୍ଷ ଯାଜପୁର ରୋଡ ପକ୍ଷରୁ ଶୁଭମ ସିଂ ଓ ପ୍ରୀତିରଞ୍ଜନ ୩ଟି ଲେଖାଏ ୱିକେଟ ନେଇଥିଲେ। ଏହି ଖେଳକୁ ଅମରେଶ ପରିଡା ଓ ଉତ୍ତମ ସାମଲ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର କୁମାର ସେନାପତି ଓ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ଆସନ୍ତାକାଲି କେଡିଏମ୍ ଧର୍ମଶାଳା ସହିତ ଏମ୍‌ଟିଏସ୍ ଗୁଲଜାର ନଗର ପାଟଣା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ତ୍ରିନାଥ ସାହୁ ଜଣାଇଛନ୍ତି।

### ସୂର୍ଯ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

**ରସୁଲପୁର,୩୧।୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଓରାଳିସ୍ଥିତ ସୂର୍ଯ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଛି। ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ପୂଜାର୍ଚ୍ଚନା, ସମ୍ବର୍ଦ୍ଧନା ପର୍ବରେ ରୌପ୍ୟ ଜୟନ୍ତୀ ମଞ୍ଚ ଉଚ୍ଛୁଳି ଉଠିଥିଲା। ବିଦ୍ୟାର୍ଥୀମାନେ ଗୁରୁମାନଙ୍କ ପଦବନ୍ଦନା କରିବା ସହ ଫୁଲ, ଚନ୍ଦନ, ଉପଢୌକନ, ମାନପତ୍ର ଓ ଉପହାର ଦେଇ ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷକ ଗିରିଧାରୀ ସମାଲଙ୍କ ଅବସର ଗ୍ରହଣ ଅବ୍ୟହତି ପୂର୍ବରୁ ବିଦ୍ୟାଳୟର କର୍ମଚାରୀ, ଛାତ୍ରୀଛାତ୍ରମାନେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବକୁ ବିଜ୍ଞାନ ଶିକ୍ଷୟିତ୍ରୀ ମାଳତୀଲତା ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବରେ ପ୍ରଧାନ ଶିକ୍ଷକ ବୈଦେନ୍ଦ୍ରନାଥ ସାହୁ, ସମ୍ମାନିତ ଅତିଥି ଶିକ୍ଷାବିତ୍ ବୈରାଗୀ ଚରଣ ଘଡାଇ, ଶିକ୍ଷକ ହରିହର ସାମଲ, ଗୋପାଳ ଚନ୍ଦ୍ର ପଣ୍ଡା, ବିଜୟ କୁମାର ନାୟକ, ପ୍ରଦୀପ ଜେନା, ବାସୁଦେବ ପଣ୍ଡା, ଗତିକୃଷ୍ଣ ମହାନ୍ତି, କୁଳମଣୀ ନାୟକ, ଆନନ୍ଦ ଚନ୍ଦ୍ର ସାମଲ, ସୁନନ୍ଦ ରାଉତ, ଅମୂଲ୍ୟ କୁମାର ଦାସ, ସନ୍ତୋଷ କୁମାର ପଲେଇ, ପୂର୍ଣ୍ଣଚନ୍ଦ୍ର ସେଠୀ, ରୌପ୍ୟ ଜୟନ୍ତୀ କମିଟି ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସାହୁ, ପୁରାତନ ଛାତ୍ର ସଂସଦର ସଭାପତି ମାୟାଧର ପଲେଇ, ସମ୍ପାଦକ ବାବୁଲି ସାହୁ, ଚନ୍ଦ୍ରଶେଖର ସମାଲ, ଉପାସନା ପଣ୍ଡା, ଗୀତାରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ବ୍ୟାସନଗର ସ୍ୱୟଂଶାସିତ କଲେଜରେ ହାଇମାଷ୍ଟ ଲାଇଟ୍ ପୋଷ୍ଟ ଉଦ୍‌ଘାଟିତ

**ଯାଜପୁର ଅଫିସ,୩୧।୧:** ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସରରେ ଏକ ହାଇମାଷ୍ଟ ଲାଇଟ ପୋଷ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ରେସିଡେଣ୍ଟ ଡ଼ାଇରେକ୍ଟର ଏସ.ଏସ. ଉପାଧ୍ୟାୟ, ସିଏସ୍‌ଆର୍‌ର ମୁଖ୍ୟ ରାକେଶ ପାଠକ, ସିକ୍ୟୁରିଟି ମ୍ୟାନେଜର ଭି.ଏସ୍. ତିୱାରୀ ଓ ସିଏସ୍‌ଆର କାର୍ଯ୍ୟନିର୍ବାହୀ ଅଧିକାରୀ ମିହିର ଦାସ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହି ଜିନ୍ଦଲ ଷ୍ଟେନ୍‌ଲେସ୍ ତରଫରୁ ପ୍ରଦାନ କରାଯାଇଥିବା ହାଇମାଷ୍ଟ ଲାଇଟ୍ ପୋଷ୍ଟକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ କଲେଜ ପରିସରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍ ସାମିଲ ହେବେ ବୋଲି ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏକ ସଭାରେ ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସେଖ୍ ଅବୁ ତାହେର ଅଧ୍ୟକ୍ଷତା କରିଥିବାବେଳେ ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ କୁଶଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ। ଶେଷରେ ଅଧାପିକା ମମତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚିବଙ୍କ ନିର୍ଦ୍ଦେଶ ପରେ ବିଭାଗୀୟ ତତ୍ପରତା

**ଯାଜପୁର ଅଫିସ,୩୧।୧**

ଯାଜପୁର ଜିଲା ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣରେ ହୋଇଥିବା ଅନିୟମିତତା ସଂକ୍ରାନ୍ତରେ ବିଭାଗୀୟ ତତ୍ପରତା ଦେଖିବାକୁ ମିଳିଛି। ଓଡ଼ିଶା ସରକାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅଧସ୍ଥନ ସଚିବ ଏସ୍.ଆର୍. ପଟ୍ଟନାୟକ ତାଙ୍କ ପତ୍ରସଂଖ୍ୟା ୨୩୪୬୪/୧୩।୧୨।୨୦୧୯ରେନିର୍ଦ୍ଦେଶ ପରେ ଏବେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆର୍‌ଡବ୍ଲ୍ୟୁଏସ୍‌ଏସ୍)ର ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ରସଂଖ୍ୟା ୭୬୮/୩୧।୧।୨୦୨୦ରେ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଛନ୍ତି।

ଗତ ଜୁଲାଇ ମାସରେ ଯନ୍ତ୍ରୀ ପ୍ରାଧିକରଣ ପକ୍ଷରୁ ସୁକିନ୍ଦା ମେଗା ପାଇପ ଜଳଯୋଗାଣ ପ୍ରକଳ୍ପର ନୀରିକ୍ଷଣ କରାଯାଇଥିଲା। ନୀରିକ୍ଷଣ ରିପୋର୍ଟ ଉପରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ତେବେ ଉକ୍ତ ଖବରକୁ ଆଧାର କରି ଗତ ଡିସେମ୍ବର ୩ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଇ-ଅଭିଯୋଗ କରାଯାଇଥିଲା। ଅଭିଯୋଗରେ ଡିଏମ୍‌ଏଫ୍ ପାଣ୍ଠିରୁ ୭୯.୫୬ କୋଟି ଟଙ୍କା ମୂଲ୍ୟରେ ଠିକାସଂସ୍ଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ(ଏନ୍‌ସିସି) ଦ୍ୱାରା ନିର୍ମାଣ ହେଉଥିବା ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ ଇଞ୍ଜିନିୟର୍ସ ଅଟରିଟ ଦ୍ୱାରା ନିରୀକ୍ଷଣ କରାଯାଇଥିଲା। ନୀରିକ୍ଷଣରେ ଗୋଟିଏ ଖାତ(ଟ୍ରେଞ୍ଚ)ରେ ଆବଶ୍ୟକଠାରୁ କମ୍ ଖାତ ଖୋଳି ପାଇପ ବିଛା, ନିକଟସ୍ଥ ପାଟଣାଠାରେ ନିର୍ମାଣାଧୀନ ଇଏସ୍‌ଆରସ୍ତରରେ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ନ ହେବା ଆଦି ଅନିୟମିତତା ଦେଖିବାକୁ ମିଳିଥିଲା। ଏହାପରେ ଇଞ୍ଜିନିୟର୍ସ ଅଟରିଟି ରିପୋର୍ଟକୁ ଭିତ୍ତି କରି ବିଭାଗୀୟ ଇଞ୍ଜିନିୟର୍ସ-ଇନ୍-ଚିଫ୍ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଏହାବାଦ ପ୍ରକଳ୍ପର ବିଭିନ୍ନ କଂକ୍ରିଟ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର ହେବାକୁ ଥିବା ଷ୍ଟିଲ୍ ସାମଗ୍ରୀର ଗୁଣବତ୍ତା ଉପରେ ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ ପକ୍ଷରୁ

**ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ**



- ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତଦନ୍ତ ନିର୍ଦ୍ଦେଶ
- ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ହୋଇଥିଲା ଇ-ଅଭିଯୋଗ

ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଷ୍ଟିଲ୍ ସାମଗ୍ରୀ ବ୍ୟବହାର ଅନୁପଯୋଗୀ ବୋଲି ଅଥରିଟି ଅନୁଭବ କରିବା ପରେ ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟ ଆଧାରରେ ଶ୍ୟାମ ଷ୍ଟିଲରୁ କିଣାଯାଇଥିବା ସମସ୍ତ ଷ୍ଟିଲ ସାମଗ୍ରୀକୁ ହଟାଇ ଦେବାକୁ ଠିକା ସଂସ୍ଥା ଏନ୍‌ସିସିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ କେତେକ ବିଭାଗୀୟ ଅଧିକାରୀଙ୍କୁ ହାତ କରି କିଣାଯାଇଥିବା ଷ୍ଟିଲ ସାମଗ୍ରୀକୁ ଦ୍ୱିତୀୟ ଥର ପାଇଁ କଟକ ସେଣ୍ଟ୍ରାଲ ଲାବୋରୋଟୋରୀ(ଆରଆଣ୍ଡବି) ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବେରୋଟୋରୀରେ ପରୀକ୍ଷା କରାଯାଇଥିଲା। ଯାହାର ରିପୋର୍ଟରେ ସେହି ଷ୍ଟିଲ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଉକ୍ତ ରିପୋର୍ଟକୁ ଆଧାର କରି ଆରଡବ୍ଲ୍ୟୁଏସ୍‌ଏସ୍‌ର ଚିଫ୍ ଇଞ୍ଜିନିୟର ତାଙ୍କ ପତ୍ରସଂଖ୍ୟା ୭୮୪୨/୧୦।୯।୨୦୧୯ରେ ଠିକାସଂସ୍ଥା ଏନ୍‌ସିସିର ସହକାରୀ ଜେନେରାଲ ମ୍ୟାନେଜରଙ୍କୁ ଷ୍ଟିଲ୍ ସାମଗ୍ରୀ ପୁଣି ବ୍ୟବହାର ହୋଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ତେବେ ଦ୍ୱିତୀୟବାର ପରୀକ୍ଷା କରାଯିବା ନେଇ କୌଣସି ସନ୍ତୋଷଜନକ ଉତ୍ତର ବିଭାଗ ପାଖରେ ନାହିଁ ବୋଲି ଇ-ଅଭିଯୋଗରେ ଦର୍ଶାଯାଇଥିଲା। ଏହାସହ ବ୍ୟବହାର ହୋଇଥିବା ଷ୍ଟିଲ୍ ସାମଗ୍ରୀରମାନ ନେଇ ଆଉଥରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦାବି ହୋଇଛି। ଏନେଇ ଯାଜପୁର ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରେ ଆବଶ୍ୟକ ପରୀକ୍ଷା କରିବା ପରେ ଷ୍ଟିଲ ସାମଗ୍ରୀର ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ଏଥିରେ କୌଣସି ପ୍ରକାର ଅନିୟମିତତା କରାଯାଇନାହିଁ ବୋଲି ସେ କହିଛନ୍ତି।

### ହାଇୱା-ବାଇକ୍ ମୁହାଁମୁହିଁ: ଜଣେ ମୃତ

**ଜେନାପୁର,୩୧।୧(ଡି.ଏନ୍.ଏ.)**

ଜେନାପୁର ଥାନା ଅଧୀନ ବାଲିସାହି-ବାଛାଖଣ୍ଡି ରାସ୍ତାର ମହୁଲଖୋଳି ଶାଳଜଙ୍ଗଲ ନିକଟରେ ଶୁକ୍ରବାର ଅପରାହ୍ନ ସାଢ଼େ ୪ଟା ସମୟରେ ହାଇୱା ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ବାରାତିପିରା ଗ୍ରାମର ସିପୁନ ପଲେଇ (୨୨)ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ବିଛାଖଣ୍ଡି ପାହାଡ଼ରୁ ଏକ ଚିପ୍ସ ବୋଝେଇ ହାଇଓା ନଂ (ଓଡି୦୪-ଏଲ-୨୭୩୩)ବାଲିସାହି ଅଭିମୁଖେ ଯାଇଥିବାବେଳେ ବିପରୀତ ଦିଗରୁ ଏକ ବାଇକ ନଂ(ଓଡି୦୯-ଏମ-୧୦୪୩)ରେ ଆସୁଥିବା ସିପୁନଙ୍କ ସହ ମହୁଲଖୋଳି ଶାଳଜଙ୍ଗଲ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସିପୁନଙ୍କର ମୃତ୍ୟୁ ଘଟିଥିଲା। ଜେନାପୁର ପୋଲିସ ଏଏସ୍‌ଆଇ ମନୋରଞ୍ଜନ ସାମଲ ସଦଳବଳେ ଉକ୍ତ ସ୍ଥାନରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ି ଦୁଇଟିକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ଉର୍ଷ ବଡେଖାନ ସାହା ବାବାଙ୍କ ବାର୍ଷିକୋତ୍ସବ



ସାହା ବାବାଙ୍କ ବାର୍ଷିକୋତ୍ସବରେ ଆୟୋଜିତ ଶୋଭାଯାତ୍ରା।

**ରସୁଲପୁର,୩୧।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ଗ୍ରାମରେ ସଂଖ୍ୟାଲଘୁ ସମ୍ପ୍ରଦାୟ ବସ୍ତିରେ ଶୁକ୍ରବାର ଅପରାହ୍ନରେ ଉର୍ଷବଡେଖାନ୍‌ସାହା ବାବାଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁସଲିମ୍ ସାହିରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବାରବାଟୀ ବଜାର ଓ ବିଭିନ୍ନ ଗାଁ ପରିକ୍ରମା କରି ଧର୍ମପୀଠ ମଜିଦ୍ ନିକଟରେ ପହଁଞ୍ଚି ଥିଲା। ଏହି ଅବସରରେ ସଂଖ୍ୟା ଲଘୁ ସମ୍ପ୍ରଦାୟର ଧର୍ମାଲମ୍ବିମାନଙ୍କୁ ନେଇ ସମୂହ ନମାଜପାଠ ଅନୁଷ୍ଠିତ ହୋଇଥିଲା। ବଡେ ଖାନ ସାହା ବାବାଙ୍କ ନୀତି ଆଦର୍ଶ, ଧର୍ମଗ୍ରନ୍ଥ କୋରାନର ଅମୃତ ବାଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜା ଉର୍ସ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ମହମ୍ମଦ ଜାକିର ଆଲାମ, ସମ୍ପାଦକ ଗୁଡ୍ଡୁ ଭାଇ, ସେକ୍ ଆକ୍ରମ, ମୋଜାହିଦ୍, କାଦିର, ଅଜିଜୁଲ, ଇସ୍‌ଲାମ, ମୁନତାଜ, ଅଜାରୁଦ୍ଦିନ, ହୁମାଇନ, ଏଜାଜ୍ ଖାନ୍, ସେକ୍ ମକ୍ତୁ, ସେକ୍ ଖୁସୀଙ୍କ ନେତୃତ୍ୱରେ ଚାଦର ଯାତ୍ରା ଅନୁଷ୍ଠିତ ହୋଇଥିଲା।

## ବୈରୀ ଷ୍ଟେଶନ୍‌ରେ ରହିଲା କେନ୍ଦୁଝର-ଭୁବନେଶ୍ୱର ଫାଷ୍ଟ ପାସେଞ୍ଜର

**ଛତିଆ,୩୧।୧(ଡି.ଏନ୍.ଏ.)**

ବୈରୀ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ସଫଳ ହୋଇଛି। ଶୁକ୍ରବାରଠାରୁ ବୈରୀ ଷ୍ଟେଶନରେ କେନ୍ଦୁଝର, ଭୁବନେଶ୍ୱର ପାସେଞ୍ଜର ଟ୍ରେନ୍ ରହଣୀ ହୋଇଛି। ଉଭୟ ପଟୁ ୧ ମିନିଟ୍ ଲେଖାଏ ରହିବା ପାଇଁ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଗାଡି ନଂ ୫୮୪୨୫ କେନ୍ଦୁଝର ପଟୁ ସକାଳ ୯ ଘଟିକା ୫୯ ମିନିଟ୍ ସମୟରେ ବୈରୀରେ ପହଞ୍ଚି ଓ ୧୦ ଘଟିକାରେ ଛାଡ଼ିଥିଲା। ସେହିପରି ୫୮୪୨୬ ଗାଡିଟି ଭୁବନେଶ୍ୱର ପଟୁ ଅପରାହ୍ନ ୫.୨୪ ମି ରେ ପହଞ୍ଚି ୫.୨୬ ମିନିଟରେ ଛାଡ଼ିଥିଲା। ଶୁକ୍ରବାର ସକାଳୁ ଟ୍ରେନ୍‌ଟି ବୈରୀରେ ଷ୍ଟେଶନରେ ପହଞ୍ଚିବା ପରେ ଅନେକ ଯାତ୍ରୀ ଟ୍ରେନ୍‌କୁ ସ୍ୱାଗତ କରିଥିଲେ। ପ୍ରଥମ ଦିନରେ ଉକ୍ତ ଷ୍ଟେଶନ୍‌ରୁ ୧୧୭ଜଣ ଯାତ୍ରୀ କଟକ ବାରଙ୍ଗ ଓ ଭୁବନେଶ୍ୱର ଯାତ୍ରା କରିଥିଲେ। ଉକ୍ତ ସ୍ୱାଗତ ଉତ୍ସବରେ ବେଣୁଧର ବିଶ୍ୱାଳ, ଦିନବନ୍ଧୁ ସାମଲ, ବିରଞ୍ଚି ନାରାୟଣ ମହାନ୍ତି, ଶିଶିର ସ୍ୱାଇଁ, ଈଶ୍ୱର ଚନ୍ଦ୍ର ନାୟକ, ଗଙ୍ଗାଧର ଦାସ, ରାଜକିଶୋର ସ୍ୱାଇଁ, ରାଜା ରଣେନ୍ଦ୍ର ପ୍ରତାପ ଲେଙ୍କା ପ୍ରମୁଖ ଶତାଧିକ ଲୋକ ଉପସ୍ଥିତ ଥିଲେ। କିଛି ଦିନ ପୂର୍ବରୁ ବଡ଼ଚଣା ଅଞ୍ଚଳବାସୀ ସ୍ଥାନୀୟ ଭାଜପା ନେତା ଅମର ନାୟକଙ୍କ ନେତୃତ୍ୱରେ କେନ୍ଦ୍ର ପେଟ୍ରୋଲିୟମ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳ ରାଷ୍ଟ୍ରମନ୍ତ୍ରୀ ପିୟୁଶ ଗୋୟେଲଙ୍କୁ ଭେଟି ଉକ୍ତ ଟ୍ରେନ୍ ସହିତ ସମ୍ବଲପୁର ହାଓ୍ୱଡା ସାପ୍ତାହିକ ଟ୍ରେନ୍‌କୁ ବୈରୀ ଷ୍ଟେଶନ୍‌ରେ ରହଣୀ ପାଇଁ ଦାବି ଜଣାଇଥିଲେ। ଉକ୍ତ ଦାବିକୁ ବିଚାର କରି କେନ୍ଦୁଝର ଭୁବନେଶ୍ୱର ପାସେଞ୍ଜର ଟ୍ରେନ୍ ବୈରୀ ଷ୍ଟେଶନରେ ରହଣୀ ହୋଇଛି। ଅଞ୍ଚଳବାସୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅମର ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଉମାକାନ୍ତଙ୍କୁ ଜିଲାର ଶ୍ରେଷ୍ଠ ଡାକ୍ତର ସମ୍ବର୍ଦ୍ଧନା

**ଯାଜପୁର ଅଫିସ, ୩୧।୧**

ଯାଜପୁର ଜିଲା ଦଶରଥପୁର ବ୍ଲକ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ୍ ଇନ୍‌ଚାର୍ଜ ତଥା ସ୍ତ୍ରୀ ଓ ପ୍ରସୁତି ବିଭାଗର ଡାକ୍ତର ଉମାକାନ୍ତ ମଲ୍ଲିକଙ୍କୁ ୨୦୧୯-୨୦ ବର୍ଷରେ ସେବାକ୍ଷେତ୍ରରେ ଜିଲାର ଶ୍ରେଷ୍ଠ ଡାକ୍ତରଭାବେ ସମ୍ବର୍ଦ୍ଧିତ କରାଯାଇଛି। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ମିଳିବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ସ୍ୱାଗତର ସୁଅ ଛୁଟିଛି। ସୂଚନା ଯେ, ମଲ୍ଲିକ ପ୍ରାୟ ୧ବର୍ଷ ତଳେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୁତିରୋଗ ବିଶେଷଜ୍ଞଭାବେ ଯୋଗ ଦେଇଥିଲେ। ମଲ୍ଲିକଙ୍କ ରୋଗୀସେବା କ୍ଷେତ୍ରରେ ନିଷ୍ଠାପର ଓ ନିରବଚ୍ଛିନ୍ନ ସେବାଲାଗି ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ କୁମାର ପାତ୍ର ଓ ଜିଲା ପ୍ରଶାସନର ଅନୁମୋଦକ୍ରମେ ରବିବାର ଯାଜପୁର ଟାଉନ୍‌ସ୍ଥିତ ବାଳାଶ୍ରମ ପଡିଆଠାରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ୨୦୨୦ ଉତ୍ସବରେ ସମ୍ମାନିତ କରାଯାଇଥିଲା। ଡାକ୍ତର ମଲ୍ଲିକଙ୍କୁ ଏହି ସମ୍ବର୍ଦ୍ଧନା ମିଳିବାପରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ୍, ବିଜେଡି ଦଳର ଯାଜପୁର ଜିଲା ସଭାପତି ସରୋଜ ମହାପାତ୍ର, ଦଶରଥପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରଞ୍ଜନ ପୃଷ୍ଟି, ଥାଲକୁଡି ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ମଙ୍ଗଳପୁର ସରପଞ୍ଚ ଶିଶିର ଧଳ, ପୂର୍ବତନ ଜିଲାପରିଷଦ ସଭ୍ୟ ସଞ୍ଜୀବ ସାମଲ, ସଭ୍ୟା ନିନାରାଣୀ ସାମଲ, ମଙ୍ଗଳପୁର ବଜାର କମିଟିର ସଭାପତି ଅକ୍ଷୟ ପାତ୍ର ଓ ସମ୍ପାଦକ ଭରତ ଚନ୍ଦ୍ର ଦାଶ, ଗଣମାଧ୍ୟମ ପ୍ରତିନିଧି ଅକ୍ଷୟ ଦାସ, ପ୍ରଦୀପ ମହାନ୍ତି, ମାନସ ଜେନା, କୌଶିକ ଦାସ, ଶିକ୍ଷକ ନେତା ବିପିନ ରାୟ ସାମାଜିକ କର୍ମୀ ଭରତ ମଲ୍ଲିକ୍, ସୌଭାଗ୍ୟ ପୃଷ୍ଟି, ପ୍ରତାପ ଦାସ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି ।

## ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଶହୀଦ ଦିବସ

**ଯାଜପୁର ଅଫିସ,୩୧।୧**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ କୁଶଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଶେଖ୍ ଅବୁ ତାହେର ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ସୁବାସ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ଶହୀଦ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଳି ଜ୍ଞାପନ କରିଥିବାବେଳେ ସେମାନଙ୍କ ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରିୟରଞ୍ଜନ ବେହେରା, ଅଜୟ କୁମାର ମହାକୁଡ଼, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ର ସୌମ୍ୟରଞ୍ଜନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।



ମହାବିଦ୍ୟାଳୟ ପ୍ରାଙ୍ଗଣରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ପାଳନ।

## 'ଉତ୍ତମ ଚରିତ୍ର ହିଁ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ନେଇଥାଏ'

**ବିଞ୍ଝାରପୁର, ୩୧।୧(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ବିତନାସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଏବଂ ମାତୃ ସମ୍ମିଳନୀ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ସଭାପତି ବାସୁଦେବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିରୂପେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାରୂପେ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର କୁମାର ଧଳ, ଅନ୍ୟତମ ସମ୍ମାନିତ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ମହେଶ୍ୱର ରାଉତ, ସଂକୁଳ ପ୍ରମୁଖ ଗଗନ ବିହାରୀ ବେହେରା, ଅଧ୍ୟାପକ ଦାମୋଦର ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚରିତ୍ର ଗଠନ ହିଁ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ନିଭାଇବା ସହ ଗଣତନ୍ତ୍ରର ମୂଳଦୁଆକୁ ମଜଭୁତ କରିଥାଏ ବୋଲି ବ୍ଲକ ଅଧ୍ୟକ୍ଷ ସାମଲ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଶତାଧିକ ଶିକ୍ଷାର୍ଥୀଙ୍କୁ ନେଇ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିବାବେଳେ ବିଦ୍ୟାଳୟର ସମ୍ପାଦକ ଅଧ୍ୟାପକ ଦିଲ୍ଲୀପ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନନ୍ଦୀନ ଶତପଥୀ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ହାଇଟେକ୍ କଲେଜର ନୂତନ କ୍ୟାମ୍ପସ ଉଦ୍‌ଘାଟିତ

**ରସୁଲପୁର,୩୧।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଞ୍ଚଳର ହାଇଟେକ୍ ଗ୍ରୁପ୍ ପକ୍ଷରୁ କୁଆଖିଆଠାରେ ଭଡ଼ା ଘରେ ଚାଲି ଆସୁଥିବା +୨ ବିଜ୍ଞାନ କଲେଜ ଶୁକ୍ରବାର ମୁଗୁପାଳ ପଞ୍ଚାୟତରେ ନିର୍ମିତ ନୂତନ କ୍ୟାମ୍ପସକୁ ସ୍ଥାନାନ୍ତର ହୋଇଛି। ହାଇଟେକ୍ ଗ୍ରୁପର ଉପସଭାପତି ତିରୁପତି ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ୟାମ୍ପସ୍‌କୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ କଲେଜର ନିର୍ଦ୍ଦେଶକ ସନ୍ତୋଷ ଚୌଧୁରୀ, କୁଆଖିଆ ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ସ୍ୱାଇଁ, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ରସୁଲପୁର ଦମକଳ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ପଟ୍ଟନାୟକ, ଅଧ୍ୟାପକ ବିଜୁନି ଚରଣ ସୂତାର, କଲେଜର ଅଧ୍ୟକ୍ଷ ଅଲେଖ ନାୟକ, ଉପାଧ୍ୟକ୍ଷ ସନ୍ଦୀପ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଚନ୍ଦ୍ରଶେଖର ନାୟକ, ସୁଶ୍ରୀ ଦାସ, ବୀରବର ପଲେଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କଲେଜ ହତା ପରିସରରେ ବୃକ୍ଷରୋପଣ କରାଯାଇଥିଲା ।



ନୂତନ କ୍ୟାମ୍ପସ୍‌ରେ ଚାରାରୋପଣ କରାଯିବା ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରୀ।

## 'ଖବରଦାତାଙ୍କ କଲମ ଜନତାଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଉଦ୍ଦିଷ୍ଟ'

**ଧର୍ମଶାଳା,୩୧।୧(ଡି.ଏନ୍.ଏ.)**

ଖବରଦାତାମାନେ ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଓ ବିପଦଗ୍ରସ୍ଥ ଗଣତନ୍ତ୍ରର ସୁରକ୍ଷା ପାଇଁ ନିନ୍ଦାଗାଳି, ଅପବାଦ ଓ ଧମକକୁ ଭୃକ୍ଷେପ ନ କରି କଲମ ଚାଳନା କରିବା ଉଚିତ। ଖବରଦାତାମାନେ ସମାଜ ଓ ଦେଶ ପାଇଁ ସେମାନେ ନିସ୍ୱାର୍ଥପର ଭାବରେ ସେବା କରି ଚାଲିଛନ୍ତି। ସେହିମାନେ ହିଁ କେବଳ ନିଷ୍ପେସିତ ଜନତାଙ୍କ ସାହା ଭରଷା ବୋଲି ଶୁକ୍ରବାର ଅପରାହ୍ନରେ ଧର୍ମଶାଳା ପ୍ରେସ୍‌କ୍ଲବର ବାର୍ଷିକ ଉତ୍ସବ ଓ ସ୍ୱାଧୀନତା ସଂଗ୍ରାମୀ ତଥା ଧର୍ମଶାଳା ପ୍ରେସ୍‌କ୍ଲବର ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ୧୧ତମ ଶ୍ରାଦ୍ଧବାର୍ଷିକ ଅବସରରେ ଜାରକା ସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଧର୍ମଶାଳା ପ୍ରେସ୍‌କ୍ଲବ ସଭାପତି ଇନ୍ଦ୍ରମଣି ନାୟକଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା।





ଅତିଥିମାନେ ସ୍ମରଣିକା 'ପ୍ରହରୀ'କୁ ଉନ୍ମୋଚନ କରୁଛନ୍ତି।

ଏହି ଉତ୍ସବକୁ ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରି ରାଜ୍ୟ ସରକାର ଖବରଦାତାଙ୍କ ସମସ୍ୟା ସହିତ ସଚେତନ ଅଛନ୍ତି। କେତେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଆଗାମୀ ଦିନରେ ଅନେକ ସମସ୍ୟା ଦୂର କରାଯିବ ବୋଲି ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ କହିଲେ ଯେ ଚତୁର୍ଥ ସ୍ତମ୍ଭ, ନିରପେକ୍ଷ ଖବର ପ୍ରକାଶ କରି ସରକାରଙ୍କୁ ସଚେତନ କରାଉଛନ୍ତି। ବିଭାଗୀୟ ମନ୍ତ୍ରୀ ମୁଖ୍ୟମନ୍ତୀଙ୍କ ସହ ଆଲୋଚନା କରି ରାଜ୍ୟରେ ଦେଖା ଦେଇଥିବା ଖବରଦାତା ସମସ୍ୟା ଦୂର କରିବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ଭାବେ ସିପିଆଇର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ 'ଅକ୍ଷର'ର ସମ୍ପାଦକ ଅମୀୟ ପାଣ୍ଡବ ଯୋଗଦେଇ ଖବରଦାତାଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରେସ୍ କ୍ଲବ ପକ୍ଷରୁ ପ୍ରକାଶିତ ସ୍ମରଣିକା 'ପ୍ରହରୀ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ନରହରି ମହାନ୍ତି ସ୍ମୃତି ସମ୍ମାନ ୨୦୧୯ ପାଇଁ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ଓ ୨୦୨୦ପାଇଁ କୈଳାଶ ଚନ୍ଦ୍ର ନାୟକଙ୍କୁ ମାନପତ୍ର ସହ ଉପଢୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରେସ୍‌କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡା ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ଜୀବନୀ ଉପରେ ଆଲୋକପାତ କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ରମାକାନ୍ତ ଜେନା ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଖିଳ ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅବିନେଶ୍ୱର ଶତପଥୀ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ ।ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଣାପାଣୀ କାପୀଠର କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଗାନ ସହ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ମନସ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ତାରପୁରରେ ଧାନମଣ୍ଡି ଖୋଲିଲା

**ରଘୁନାଥପୁର, ୩୧। ୧ (ଡି.ଏନ.ଏ.):** ଦୀର୍ଘଦିନର ପ୍ରତୀକ୍ଷା ପରେ ତାରପୁର କୃଷି ସମବାୟ ସମିତି ଚିକିଣିଆ ପକ୍ଷରୁ ତାରପୁରଠାରେ ଧାନମଣ୍ଡିର ଉଦ୍‌ଘାଟନ ହେବା ସହ ସାଢେ ୩ କୁଇଣ୍ଟାଲ ଧାନ ବିକ୍ରୟ କରାଯାଇଛି। ସ୍ଥାନୀୟ ସରପଞ୍ଚ ସରୋଜ କୁମାର ଦାସ ଉଦ୍‌ଘାଟନ କରିବା ସହ ଧାନ କିଣା ଆରମ୍ଭ ହୋଇଥିଲା। ସମିତିର ସଭାପତି ଦେବେନ୍ଦ୍ର ନାଥ ସ୍ୱାଇଁ ଓ ଡାଟା ଏଣ୍ଟ୍ରି ଅପରେଟର ବିଜୟ କୁମାର ଦାସ ଉପସ୍ଥିତ ଥିଲେ। ରାଶନ କାର୍ଡ କମିଟି ପକ୍ଷରୁ ବିନୋଦ ବିହାରୀ ମହାନ୍ତି, ଉମେଶ ପରିଡା ଓ ଚାଷୀ ଦିବାକର ବେହେରା, କରୁଣାକର ପରିଡା, ଦୁର୍ଗା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗୋଟିଏ ସମିତି ପକ୍ଷରୁ ଦୁଇଟି ସ୍ଥାନରେ ଧାନକ୍ରୟ କରାଯାଉଛି। ଚାଷୀଙ୍କ ଆବଶ୍ୟକତାକୁ ଅନୁଭବ କରି ଜିଲାପାଳଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିବା ବେଳେ ତାରପୁର ଧାନ ମଣ୍ଡି ଉଦ୍‌ଘାଟନ ସମୟରେ ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁ ଅନୁପସ୍ଥିତ ଥିଲେ।

### ୧୯୯୦ ବ୍ୟାଚ ବନ୍ଧୁମିଳନ

**ଏରସମା, ୩୧।୧ (ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ଭିତରଅନ୍ଧାରୀ ପଞ୍ଚାୟତ ଉଚ୍ଚ ନୂଆଗାଁସ୍ଥିତ ଶ୍ରୀଜଗନ୍ନାଥ ବିଦ୍ୟା ମନ୍ଦିରର ୧୯୯୦ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଧିର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଶିକ୍ଷକ ପ୍ରଭାତ କୁମାର ବିଶ୍ୱାଳ, ଶିକ୍ଷକ ରବୀନ୍ଦ୍ରନାଥ ଡାଲୁଆ, ଶିକ୍ଷକ ଚିନ୍ମୟ ନାୟକ, ସସ୍ମିତାଞ୍ଜଳୀ ପରିଡା, ସଞ୍ଜୟ କୁମାର ବରିକ, ସଞ୍ଜୁକ୍ତା ସ୍ୱାଇଁ, ସନ୍ତୋଷ କୁମାର ବାରିକ, ବସନ୍ତ କୁମାର ପରିଡା, ନିଶାକର ରାଉତ ପ୍ରମୁଖ ଉପସ୍ଥିତଥିଲେ। ତ୍ରିଲୋଚନ ମଣ୍ଡଳ, ସର୍ବେଶ୍ୱର ମୁଦୁଲି, ବିକାଶ ମାନ୍ନା, ବ୍ରଜମୋହନ ଲେଙ୍କା, ଧୀରେନ୍ଦ୍ର ସ୍ୱାଇଁ, ଅନିଲ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍କୁଲର ରୌପ୍ୟ ଜୟନ୍ତୀ ପାଳନ କରାଯିବା ସହିତ ମୁଖପତ୍ର ପ୍ରକାଶନ ପାଇଁ ନିଷ୍ପତି ନିଆଯାଇଥିଲା।

### ସଂକୀର୍ତ୍ତନ ମଣ୍ଡଳୀ ପ୍ରତିଷ୍ଠାତାଙ୍କ ପରଲୋକ

**ବାଲିକୁଦା, ୩୧।୧ (ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତର ମାଳତୀଶ୍ୱର ସଂକୀର୍ତ୍ତନ ମଣ୍ଡଳୀ ପ୍ରତିଷ୍ଠାତା କସ୍ତୁରୀ ଚରଣ ଓଝାଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ଖବରପାଇ ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ପୂର୍ବତନ ସରପଞ୍ଚ କାଳନ୍ଦି ମହାନ୍ତି, ପ୍ରଶାନ୍ତ ସ୍ୱାଇଁ, ବ୍ରଜବନ୍ଧୁ ପରିଡ଼ା ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ନାମ ସଂକୀର୍ତ୍ତନ ମାଧ୍ୟମରେ ଶୋଭାଯାତ୍ରାରେ ନିଆଯାଇ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏଥିରେ ମାଳତିଶ୍ୱର ସଙ୍କୀର୍ତ୍ତନ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତ ମହାନ୍ତି, ତପନ ମହାନ୍ତି, ଭୁଜ ବେହେରା, ଅଶୋକ ମହାନ୍ତି, ନିରଞ୍ଜନ ସ୍ୱାଇଁ, ସୁଦର୍ଶନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ପୁଅ ବାପି ମୁଖାଗ୍ନି ଦେଇଥିଲେ।

# ଜଗତ୍‌ସିଂହପୁରରେ ଶୁଭାରମ୍ଭ ହେଲା ଇ-ଅଫିସ୍

**ଖୁବ୍‌ଶୀଘ୍ର ସମସ୍ତ ବ୍ଲକ ଓ ତହସିଲରେ କାର୍ଯ୍ୟକାରୀ ହେବ**

**ଜଗତ୍‌ସିଂହପୁର ଅଫିସ୍, ୩୧।୧**

ଫାଇଲ ଚାଷ ଯୋଗୁ ଅନେକ ସମୟରେ ଲୋକଙ୍କ ପାଖରେ ସେବା ପହଞ୍ଚିବାରେ ବିଳମ୍ବ ହେଉଛି। ଏପରି କି ଫାଇଲ ହଜିଯାଉଥିବା କୁହାଯାଇ ଅନେକ ପ୍ରସଙ୍ଗକୁ ବିବାଦୀୟ କରି ଦିଆଯାଉଛି। କେତେକ ସରକାରୀ କର୍ମଚାରୀ ଦୁର୍ନୀତି ଲୁଚାଇବା ପାଇଁ ଜାଣିଶୁଣି ଫାଇଲ କିମ୍ବା ତା' ଭିତରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚିରି ତଦନ୍ତକୁ ବାଟବଣା କରୁଥିବା ଅଭିଯୋଗ ହେଉଛି। ତେଣୁ ବ୍ୟବସ୍ଥାରେ ସୁଧାର ଆଣିବା ବିଶେଷକରି ସ୍ୱଚ୍ଛତା ଆଣିବା ପାଇଁ ସରକାର ଇ-ଅଫିସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ୫-ଟିର ଅଂଶବିଶେଷ। ରାଜ୍ୟର ୩ଟି ଜିଲାରେ ଇ-ଅଫିସ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯାଇଛି। ତେବେ ପ୍ରଥମ ଜିଲା ଭାବେ ଜଗତ୍‌ସିଂହପୁରରେ ଇ-ଅଫିସ କାର୍ଯ୍ୟକାରୀ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଇ-ଅଫିସ ପରିସରଭୁକ୍ତ କରାଯାଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଖୁବଶୀଘ୍ର ଜିଲାର ସମସ୍ତ ତହସିଲ ଓ ବ୍ଲକକୁ ଇ-ଅଫିସ ଅନ୍ତର୍ଭୁକ୍ତ କରାଯିବ। ଏହି ଅବସରରେ ଜିଲାପାଳ କହିଥିଲେ, ଜଗତ୍‌ସିଂହପୁର ପାଇଁ ଆଜି ଏକ ଶୁଭଦିନ। ଏଣିକି ସମସ୍ତ ସରକାରୀ କାର୍ଯ୍ୟ ଇ-ଅଫିସ ମାଧ୍ୟମରେ କରାଯିବ। ଏହାଫଳରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରହିବା ସହିତ ବିନା କାଗଜରେ ଫାଇଲ କାର୍ଯ୍ୟ କରାଯାଇପାରିବ। ଏହାଦ୍ୱାରା ସମୟ ଅପଚୟ ହେବ ନାହିଁ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ କହିଥିଲେ, ଇ-ଅଫିସ ୫-ଟି କାର୍ଯ୍ୟକ୍ରମର ଅଂଶ ବିଶେଷ ହୋଇଥିବାରୁ ସରକାରୀସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଢ଼ିବ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଆଇସି ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ବିଭୁପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ସମ୍ପ୍ରତି ସୂଚନା ଓ ପ୍ରଯୁକ୍ତି ବିଦ୍ୟା ହେଉଛି ପ୍ରକୃତ ଶକ୍ତି। ପୋଷ୍ଟାଲରେ ଚିଠିପତ୍ର କାରବାର କମିଗଲାଣି। ହ୍ୱାଟ୍‌ସ ଆପ୍ ଓ ଇ-ମେଲ୍‌ରେ ମେସେଜ୍ ଓ ଚିଠି ପଠାଯାଇପାରୁଛି। ଜିଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତି ପ୍ରକାଶ ବେହେରା ଇ-ଅଫିସ୍‌ର ପରିକଳ୍ପନାଠାରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ସମସ୍ତ ତଥ୍ୟ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇ-ଅଫିସ ଟିମ୍ ଲିଡର୍ ଶିବ ପ୍ରସାଦ ନାୟକ, ଏଡିଆଇଏନ୍‌ଆଇସି ସୁଜିତ କୁମାର ବିଶ୍ୱାଳ, ଜିଲା ଇ-ଗଭର୍ନାନ୍ସ ପରିଚାଳକ ଅରବିନ୍ଦ ଆଚାର୍ଯ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଇ-ଅଫିସ୍ ଶୁଭାରମ୍ଭ ଅବସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟମାନେ।

# 'ହ୍ରାସ ପାଉଛି ପାରମ୍ପରିକ ଶିକ୍ଷା'

**ବିରିଡି (ଡି.ଏନ୍.ଏ.)/ବାଲିଆ, ୩୧।୧**

ବିରିଡ଼ି ବ୍ଲକ ଅଧୀନ କୁଳକଇଜଙ୍ଗା ସରସ୍ୱତୀ ଶିଶୁମନ୍ଦିରର ଷୋଡ଼ଶତମ ବାର୍ଷିକୋତ୍ସବ ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜଗତ୍‌ସିଂହପୁର ବିଭାଗ ପ୍ରମୁଖ ତଥା ସ୍କୁଲ ପରିଚାଳନା ପ୍ରଶାସକ ରଶ୍ମିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି, ଯୁବ ରାମକଥା ବାଚକ ଚିନ୍ମୟ ରଞ୍ଜନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବର୍ତ୍ତମାନ ଦେଶରେ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ପଶିଯିବାରୁ ଆମ ପାରମ୍ପରିକ ଶିକ୍ଷା ସହ ଆଧ୍ୟାତ୍ମିକ ଓ ଗୁରୁକୁଳ ଶିକ୍ଷା ହ୍ରାସ ପାଉଛି। ତେବେ ଶିଶୁ ମନ୍ଦିରଗୁଡ଼ିକରେ ପିଲାମାନଙ୍କୁ ଏହିସବୁ ଶିକ୍ଷା ଦିଆଯାଉଥିବାରୁ ପିଲାମାନେ ସବୁ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଶୁ ମନ୍ଦିରର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଗୁରୁଜୀ ନୀହାର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହାପରେ ସ୍କୁଲ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


ବାର୍ଷିକୋତ୍ସବରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଓ ଅନ୍ୟମାନେ।

# ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ନାଉଗାଁ ଥାନାଧିକାରୀଙ୍କ ବଦଳି ସହ ଗିରଫ ଦାବି**

**ଜଗତ୍‌ସିଂହପୁର ଅଫିସ୍, ୩୧।୧**

ନାଉଗାଁ ଥାନା ଅଞ୍ଚଳର ଜନୈକ ଯୁବତୀଙ୍କୁ ହତ୍ୟା କରାଯିବା ଇତିମଧ୍ୟରେ ୩ ମାସ ଅତିକ୍ରାନ୍ତ ହୋଇଗଲାଣି। କିନ୍ତୁ ହତ୍ୟାକାରୀଙ୍କୁ ସହଯୋଗ କରିଥିବା ନାଉଗାଁ ଥାନାଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଭଳି ସଙ୍ଗିନ ଅଭିଯୋଗ କରିଛି ରାଷ୍ଟ୍ରୀୟ ଦଳିତ ମହାସଭା ରାଜ୍ୟ ଶାଖା। ଶୁକ୍ରବାର ଏହି ଶାଖା ଓ ରିପବ୍ଲିକାନ ପାର୍ଟି ଅଫ୍ ଇଣ୍ଡିଆର ରାଜ୍ୟ ଶାଖା ପକ୍ଷରୁ ଜଗତ୍‌ସିଂହପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ କୁହାଯାଇଥିଲା, ଦଳିତ ଯୁବତୀଙ୍କ ହତ୍ୟାକାରୀଙ୍କ ବିରୋଧରେ ଦଫା ୩୭୬ ଓ ୩୦୨ ଲାଗୁ ହେବା କଥା, କିନ୍ତୁ ତାହା କରାଯାଇନାହିଁ। ତେଣୁ ନାଉଗାଁ ଥାନାଧିକାରୀଙ୍କ ବଦଳି ସହ ତାଙ୍କୁ ତୁରନ୍ତ ଗିରଫ କରାଯାଉ। ସେହିପରି ମୃତ ଯୁବତୀଙ୍କ ମା'ଙ୍କୁ ଜଣେ ନେତା ଧମକ ଦେଇଥିବାରୁ ତାଙ୍କୁ ଗିରଫ କରାଯାଉ ବୋଲି ଧାରଣାକାରୀମାନେ ଦାବି କରିଥିଲେ। ରାଷ୍ଟ୍ରୀୟ ଅନୁସୂଚିତ ଜାତି କମିଶନର ସଦସ୍ୟ ଯୋଗେନ୍ଦ୍ର ପାଶ୍ୱାନ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ କରାଗଲା ନାହିଁ ବୋଲି ରାଷ୍ଟ୍ରୀୟ ଦଳିତ ମହାସଭା ରାଜ୍ୟ ସଭାପତି ଅଶୋକ ମଲ୍ଲିକ ସୂଚନା ଦେଇଛନ୍ତି।



ଏସ୍‌ପି ଅଫିସ୍ ଆଗରେ ରାଷ୍ଟ୍ରୀୟ ଦଳିତ ମହାସଭା ରାଜ୍ୟ ଶାଖା ସଦସ୍ୟ ଧାରଣାରେ ବସିଛନ୍ତି।

# ବାଲିକୁଦା ପୋଲିସର ଚଢ଼ାଉ: ୮ ୱାରେଣ୍ଟି କୋର୍ଟଚାଲାଣ

**ବାଲିକୁଦା, ୩୧।୧ (ସ୍ୱ.ପ୍ର.)**

ବାଲିକୁଦା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ୮ ୱାରେଣ୍ଟିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ତିହୁଡ଼ିର ଦୁଶାସନ ରାଉତ, ମାଛଗାଁର ରୂପକ ଫାର୍ଗୁ, ଅଶିଲୋର ଗଙ୍ଗାଧର ଜେନା, ତଣ୍ଡିକୁଳର ଦୁର୍ଯ୍ୟୋଧନ ପରିଡ଼ା, ଜେନାମଣିର ଅକ୍ଷୟ ରାଉତ, ଚଅଁରପୁରର ଏସ୍‌କେ ମୁକ୍ତାର ଅଲ୍ଲି, ଖାଲଗାଁର ରବୀନ୍ଦ୍ର ମହାନ୍ତି ଓ ବ୍ରାହ୍ମଣଡିହିର ବୁଲୁ ସାହୁ। ବାଲିକୁଦା ଥାନା ଏସ୍‌ଆଇ ଚିରଞ୍ଜିବି ବେହେରାଙ୍କ ନେତୃତ୍ୱରେ କରାଯାଇଥିବା ଏହି ଚଢାଉରେ ଏଏସ୍‌ଆଇ ନିତ୍ୟାନନ୍ଦ ସ୍ୱାଇଁ ଓ ଏଏସ୍‌ଆଇ ସୁଶାନ୍ତ କୁମାର ସାହୁ ସାମିଲ ଥିଲେ।

# ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବରେ ଯୋଗଦେବେ ଆନ୍ଧ୍ର ରାଜ୍ୟପାଳ

**ତିର୍ତ୍ତୋଲ, ୩୧।୧ (ଡି.ଏନ୍.ଏ.)**

ଓଡ଼ିଆ ଭାଷା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଶନିବାର ପବିତ୍ର ମାଘ ସପ୍ତମୀ ତିଥିରେ ତିର୍ତ୍ତୋଲ ବ୍ଲକ ଅଧୀନ ତେନ୍ତୁଳିପଦା ମୁନିଗୋସାଇଁ ମଠ ପରିସରରେ ପାଳିତ ହେବ। ଏହି ଉପଲକ୍ଷେ ପୂର୍ବାହ୍ନ ୧୦ଘଟିକାରେ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ ସଭାକୁ ଜଗତ୍‌ସିଂହପୁର ଏମପି ଡା. ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିବେ। ଏଥିରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ, ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ସାହିତ୍ୟ ଏକାଡେମୀ ସଦସ୍ୟ ଅକ୍ଷୟ ରାଉତ, ବିଶିଷ୍ଟ କଥାକାର ଶୁଭଶ୍ରୀ ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଭୟ ସଭାରେ ଶାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରିବେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ, ସଂଗୀତ ଓ ନୃତ୍ୟାଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଅନୁଷ୍ଠିତ ସାହିତ୍ୟ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ ଦୁର୍ଗାପ୍ରସନ୍ନ ଚୌଧୁରୀ, ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, କବି ରକ୍ଷକ ନାୟକ, କଣ୍ଠଶିଳ୍ପୀ ତୃପ୍ତି ଦାସ, ସାହିତ୍ୟିକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ପରିଷଦର ସମ୍ପାଦକ ଚିତ୍ତରଞ୍ଜନ ପରିଜା ସୂଚନା ପ୍ରଦାନ କରିଛନ୍ତି।

# ଠାକୁର ମୂର୍ତ୍ତି ଭାଙ୍ଗିଦେଲେ ଦୁର୍ବୃତ୍ତ: ଥାନାରେ ଏତଲା

**ତୁମ୍ବେଶ୍ୱର ମହାଦେବ ପୀଠ**

**ନାଉଗାଁ, ୩୧।୧ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ଗଜରାଜପୁର ପଞ୍ଚାୟତସ୍ଥିତ ପୁରାତନ ଶୈବପୀଠ ତୁମ୍ବେଶ୍ୱର ପୀଠ ପରିସରରେ ଥିବା ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତିକୁ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏ ନେଇ ମନ୍ଦିର ପୂଜକ ଜଗନ୍ନାଥ ପଣ୍ଡା ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଥାନାଧିକାରୀ ପ୍ରଜ୍ଞା ରିତାମ୍ବର କର ପୋଲିସ ଟିମ୍ ସହ ଡଗ୍ ସ୍କ୍ୱାଡ ଓ ସାଇଣ୍ଟିଫିକ୍ ଟିମ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଅଭିଯୋଗ ମୁତାବକ, ଗୁରୁବାର ରାତିରେ କେହି ଦୁର୍ବୃତ୍ତ ମନ୍ଦିର ପରିସରରେ ପଶି ହନୁମାନ ମୂର୍ତ୍ତି ସହ ଶନିଦେବ, ମନସାଦେବୀ, ବାସୁଆବଳଦ, ବୃନ୍ଦାବତୀ ଆଦି ମୂର୍ତ୍ତି ଭାଙ୍ଗି ଦେଇଛନ୍ତି। ତେବେ ଗତ ଏକ ମାସ ହେବ ଅଲଣାହାଟ, ମୁଣ୍ଡାଳୋ, ଗଜରାଜପୁର ଓ ନୂଆଗାଁ ଆଦି ସ୍ଥାନରେ ବାରମ୍ବାର ଚୋରି ହେଉଥିବା ବେଳେ ଦୁର୍ବୃତ୍ତମାନେ ମନ୍ଦିରର ମୂର୍ତ୍ତି ଭାଙ୍ଗି ଦେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ତେବେ ତୁମ୍ବେଶ୍ୱର ପୀଠ ପରିସରରୁ ମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲିସ ଘଟଣାର ଆବଶ୍ୟକ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ଉକ୍ତ ଥାନା ଅଞ୍ଚଳରୁ ଗତ କିଛିଦିନ ମଧ୍ୟରେ ବାରମ୍ବାର ଚୋରି ଓ ମୂର୍ତ୍ତି ଭଙ୍ଗା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ବିଷୟରେ ଥାନାଧିକାରୀ କରଙ୍କୁ ପଚାରିବାରେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଛି। ଗୁରୁବାର ବିଳମ୍ବିତ ରାତିରେ ମନ୍ଦିରରୁ ମୂର୍ତ୍ତି ଭଙ୍ଗା ଯାଇଥିବା ଅଭିଯୋଗ ମିଳିବା ପରେ ସନ୍ଧାନୀ କୁକୁର ଅଣାଯାଇ ତଦନ୍ତ କରାଯାଇଛି ବୋଲି କହିଛନ୍ତି। ଏ ନେଇ ୨୦/୨୦ ନଂ.ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାଥାଉ କି, ଗତ କିଛିଦିନ ହେବ ମନ୍ଦିରର ନୀତି ପୂଜାକୁ ନେଇ ଦୁଇ ପୂଜକ ଗୋଷ୍ଠୀ ମଧ୍ୟରେ କନ୍ଦଳ ଲାଗି ରହିଛି। ଆଗକୁ ମହାଶିବରାତ୍ରି ପାଳନ ହେବାକୁ ଥିବାବେଳେ ଏପରି ମୂର୍ତ୍ତି ଭଙ୍ଗାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବରିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା


ସଭାରେ ସ୍କୁଲ ଶିକ୍ଷକମାନେ।

**ନାଉଗାଁ, ୩୧।୧ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ଅଭିମନ୍ୟୁ ସାହୁଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ଭୋଳ, ବାଲିକୁଦା ପୂଜ୍ୟପୂଜା ସାଂସଦ ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ବିପିନ ବିହାରୀ ବେହେରା, ନିଳୁରାମ ଜେନା, ବ୍ଲକ ଓଷ୍ଟା ସମ୍ପାଦକ ହିମାଂଶୁ ମହାନ୍ତି, ପ୍ରଧାନ ଶିକ୍ଷକ ନୀରୋଦ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସାହୁ ଅବସର ନେଇଥିଲେ ମଧ୍ୟ ତାଙ୍କ ପ୍ରଦତ୍ତ ଶିକ୍ଷା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରେରଣା ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ନିରାଶ୍ରୟଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ମିଶନ ଶକ୍ତି ସଦସ୍ୟା

**ବାଲିଆ, ୩୧।୧**

କଟକ ଜୋବ୍ରାସ୍ଥିତ ମା'ମହାଲକ୍ଷ୍ମୀ ମିଶନ ଶକ୍ତିର ଆୟୋଜନ କ୍ରମେ ଜଗତପୁର ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସରସ୍ୱତୀ ପୂଜା ଅବସରରେ ଜଗତ୍‌ସିଂହପୁର ଅଞ୍ଚଳର ବିଭିନ୍ନ ଦେବଦେବୀ ପୀଠ ପରିଭ୍ରମଣ କରିଥିଲେ। ଏହି ଅବସରରେ ସେମାନେ ମନ୍ଦିର ପାର୍ଶ୍ୱରେ ଅସହାୟମାନଙ୍କୁ ଶୀତବସ୍ତ୍ର ସହ ପିନ୍ଧାବସ୍ତ୍ର ବଣ୍ଟନ କରିଥିଲେ। ସଦସ୍ୟମାନେ ଗୋରେଖନାଥ ପୀଠ, କନକ ଦୁର୍ଗା ମନ୍ଦିର, ମୁକୁନ୍ଦପୁରର ଜଗନ୍ନାଥ ମନ୍ଦିର, ସୁବର୍ଣ୍ଣବରାହୀ ମନ୍ଦିର, ଖେରସ ରାଧାକୃଷ୍ଣ ମନ୍ଦିର, ପୁରୋହିତପୁର ନୀଳକଣ୍ଠେଶ୍ୱର ମନ୍ଦିର, ସାନବଜାର ମା'ଦୁର୍ଗା ମନ୍ଦିର, ବାଲିଆ ଭଗବତୀ ମନ୍ଦିର, ନାରାୟଣ ଗୋସ୍ୱାଇଁ ମନ୍ଦିର, ଅଢ଼ଙ୍ଗ ନୀଳକଣ୍ଠେଶ୍ୱର ମନ୍ଦିର, ମହାପୁରୁଷ ଯଶୋବନ୍ତ ଗାଦିପୀଠ, ହାଜିପୁରର ଅଷ୍ଟଶମ୍ଭୁ ମନ୍ଦିର, ଧାନକୁଦ ଜଗନ୍ନାଥ ମନ୍ଦିର ଆଦି ପରିଭ୍ରମଣ କରିବା ସହ ଅସହାୟମାନଙ୍କୁ ସହାୟତା ପ୍ରଦାନ କରିଥିଲେ।


ଗୋରେଖନାଥ ମନ୍ଦିର ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା।

# ବାଲିଯାତ୍ରା, ଦୋଳମେଲଣ ପ୍ରସ୍ତୁତି

- ଗଠିତ ହେଲା ୧୧ ଜଣିଆ କମିଟି
- କଂକ୍ରିଟ ଦୋଳ ପିଣ୍ଡି ଭିତ୍ତିପ୍ରସ୍ତର ସ୍ଥାପନ କଲେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

**ବାଲିକୁଦା, ୩୧।୧ (ସ୍ୱ.ପ୍ର.)**

ବାଲିକୁଦାର ଐତିହାସିକ ବାଲିଯାତ୍ରା ଓ ଦୋଳ ମେଲଣ ପାଇଁ ଦେବଗ୍ରାମ ଆବାହକତ୍ୱରେ ସ୍ଥାନୀୟ କନକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଦେବଗ୍ରାମ ମୁରବି ବିଜୟ ମହାନ୍ତି, ରାଜଦୋଳର ସଭାପତି ଶିବବ୍ରତ ଦାସଙ୍କ ସମେତ ମେଲଣରେ ଅଂଶ ଗ୍ରହଣ କରୁଥିବା ୨୬ ଦୋଳର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇଥିଲେ। ତେବେ ମେଲଣ ତଥା ବାଲିଯାତ୍ରାକୁ ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ପାଇଁ ବୁଦ୍ଧିଜୀବୀମାନଙ୍କ ମତାମତ ଲୋଡା ଯାଇଥିଲା। ଅନ୍ୟପକ୍ଷରେ ଏଥିପାଇଁ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। କମିଟିରେ ପରମାନନ୍ଦ ମହାନ୍ତି, ନିରଞ୍ଜନ ପାଢୀ, ହରିଶ୍ଚନ୍ଦ୍ର ମହାନ୍ତି, ପ୍ରତାପ ମହାନ୍ତି, ଶରତ କାନୁନ୍‌ଗୋ, ଉମ୍ବରୁଧର ସ୍ୱାଇଁ, ଉମାକାନ୍ତ ଗିରି, କୁଳମଣି ନାୟକ, ନିଗମାନନ୍ଦ ଦାସ, ନୃସିଂହ ଜେନା, କସ୍ତୁରୀ ଚରଣ ଲେଙ୍କାଙ୍କୁ ସାମିଲ କରାଯାଇଛି। ତେବେ ଚଳିତବର୍ଷ ଉକ୍ତ ବାଲିଯାତ୍ରା ୧୫ ଦିନ କରାଯିବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ମେଲଣ ବେଳେ ପାରମ୍ପରିକ ବାଜାବାଣ ଓ ରୋଶଣିକୁ ଗୁରୁତ୍ୱ ଦିଆଯାଇଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରାଯିବ ବୋଲି ସଭାପତି ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୋଳ ବିମାନସ୍ଥଳୀଗୁଡ଼ିକୁ କଂକ୍ରିଟ ପିଣ୍ଡି କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ଏଥିପାଇଁ ଆବଶ୍ୟକ ଅର୍ଥମନ୍ତ୍ରୀ ଦାସ ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ପରେ ୧୧ ଜଣିଆ କମିଟି ସହିତ ମନ୍ତ୍ରୀ ଦାସ ବାଲିଯାତ୍ରା ପଡ଼ିଆ ସ୍ଥଳ ବୁଲି ଦେଖିଥିଲେ। ଏହି ଅବସରରେ ପିଣ୍ଡି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅଢ଼ଙ୍ଗା ସମିତିସଭ୍ୟ ଜଟାଧାରୀ ଦାସ, ସତ୍ୟଜିତ ମହାନ୍ତି, ବିଶ୍ୱଭବାନି ମହାନ୍ତି, ବିଷ୍ଣୁଚରଣ ମହାନ୍ତି, ଚିକନଜିତ ମହାନ୍ତି, ଅଶୋକ ଭଞ୍ଜ, ପ୍ରଭାତ ମହାନ୍ତି, ସମରଜିତ୍ ମହାନ୍ତି, ଭାସ୍କର ଭଞ୍ଜ, କାର୍ତ୍ତିକ ଲେଙ୍କା, ଗୋପୀନାଥ ସ୍ୱାଇଁ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।


ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ନଳୀପୁର ଗ୍ରାମର ଯୁବକଙ୍କ ଜାପାନରେ ମୃତ୍ୟୁ

ଚଣ୍ଡିଖୋଲ,୩୧।୧(ଡିଏନଏ)- ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧୀନ ନଳୀପୁର ଗ୍ରାମର ସେକ୍ ବାରୁଦ୍ଧିନ୍ (୪୦)ଙ୍କର ଜାପାନରେ ଗତ ଦୁଇଦିନ ତଳେ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ ଖବର ପାଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ସେ ଗତ ୫ବର୍ଷ ହେବ ଜାପାନର ରାଜଧାନୀ ଟୋକିଓରେ ଏକ ରେଷ୍ଟୁରାଣ୍ଟରେ କାର୍ଯ୍ୟ କରୁଥିଲେ। ଗୁରୁବାର ସେଠାରେ ରହୁଥିବା ତାଙ୍କ ସମ୍ପର୍କୀୟମାନେ ଫୋନ୍ ଯୋଗେ ବାରୁଦ୍ଧିନଙ୍କର ମୃତ୍ୟୁ ହୋଇଥିବା ଖବର ଦେଇଥିଲେ। ମୃତଦେହ ସେଠାରୁ କିପରି ଆସିପାରିବ ସେନେଇ ପରିବାର ପକ୍ଷରୁ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କୁ ପରିବାର ଲୋକେ ନିବେଦନ କରିଛନ୍ତି।

### ପୁଅ ମୃତ୍ୟୁର ୯ ଦିନ ପରେ ମା’ଙ୍କ ମୃତ୍ୟୁ

ଚଣ୍ଡିଖୋଲ,୩୧।୧(ଡିଏନଏ)- ପୁଅ ମୃତ୍ୟୁର ୯ଦିନ ପରେ ଚାଲିଯାଇଛି ମା’ଙ୍କ ଜୀବନ। ଏଭଳି ଏକ ଘଟଣା ଘଟିଛି ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତର କଳାଶ୍ରୀ ଗ୍ରାମରେ। ଗତ ୨୨ ତାରିଖରେ ସୁବାସ ସାମଲ (୪୨)ଙ୍କର ମୃତ୍ୟୁ ଘଟିଥିଲା। ସେ କିଛିଦିନ ଧରି କ୍ୟାନସରରେ ପୀଡ଼ିତ ଥିଲେ। ଶୁକ୍ରବାର ତାଙ୍କର ଦଶାହ କ୍ରିୟା ହୋଇଥାନ୍ତା। ସେଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିଲାବେଳେ ଗୁରୁବାର ରାତିରେ ସ୍ୱର୍ଗତ ସୁବାସଙ୍କ ମା’ ଯୁତି ସାମଲ (୮୩)ଙ୍କର ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଏହି ଘଟଣାରେ କଳାଶ୍ରୀ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲିଚନ୍ଦ୍ରପୁର,୩୧।୧(ସ୍ୱ.ପ୍ର)- ବାଲିଚନ୍ଦ୍ରପୁରସ୍ଥିତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ (ଗ୍ରାମୀଣର) ଅଧିକାରୀ କୁସୁମ ମହାରଣାଙ୍କୁ ଶୁକ୍ରବାର କାର୍ଯ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜେନା ଚାକିରିର ଶେଷ ୯ ବର୍ଷ ଏହି କାର୍ଯ୍ୟାଳୟର ଅଧିକାରିଣୀ ଭାବେ ସଫଳତାର କାର୍ଯ୍ୟ ତୁଲାଇଛନ୍ତି। ନଳିନୀପ୍ରଭା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ମହାରଣାଙ୍କ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ବ୍ଲକ ପ୍ରକଳ୍ପ ସଂଯୋଜକ ଜ୍ଞାନରଞ୍ଜନ ସ୍ୱାଇଁ, ସମିତି ସଭ୍ୟ ଅମିୟ ବିଶ୍ୱାଳ, ପ୍ରେସକ୍ଲବ ବାଲିଚନ୍ଦ୍ରପୁର ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ଆରାଧା ଫେଡେରେଶନ ସଭାପତି ପ୍ରମିଳା ଜେନା, ସମ୍ପାଦିକା ମାଧବୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମାବତୀ ମହାନ୍ତି, ମମତା ମଞ୍ଜରୀ ଦାସ, ପ୍ରମିଳା ସାହୁ, ସନ୍ଧ୍ୟାରାଣୀ ସାହୁ, ତିଲୋତ୍ତମା ସେନ, ଜ୍ୟୋତିରଞ୍ଜନ ସାମଲ, ସୁଦୀପ୍ତ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଦୀପ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ବଡଚଣା ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପଦ୍ମଜା କାନୁନ୍‌ଗୋଙ୍କୁ ବାଲିଚନ୍ଦ୍ରପୁର (ଗ୍ରାମୀଣ) ଅଧିକାରୀଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି।

# ଡୁବୁରୀ ଛକରେ ସ୍ଥାପନ ହେବ ଟ୍ରାଫିକ ଲାଇଟ୍ ସିଗନାଲ

## ସଡ଼କ ସୁରକ୍ଷା ପାର୍ଲାମେଣ୍ଟାରୀ କମିଟି ବୈଠକ

ଯାଜପୁର ଟାଉନ,୩୧।୧(ଡିଏନଏ)




ସଡ଼କ ସୁରକ୍ଷା ସମ୍ପର୍କିତ ପ୍ରଥମ ପାର୍ଲାମେଣ୍ଟାରୀ କମିଟି ବୈଠକ ଜିଲାପରିଷଦ ସଭାଗୃହଠାରେ ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦେଶରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଥିବାରୁ ସେଠୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏ ଦିଗରେ ସମସ୍ତଙ୍କର ଦାୟିତ୍ୱ ରହିଛି ଏବଂ ଉତ୍ତରଦାୟୀଭାବେ ସମସ୍ତେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ମଦ ଓ ମାଦକଦ୍ରବ୍ୟର ସେବନ ପୂର୍ବକ ଗାଡିଚାଳନା, ରାସ୍ତାରେ ନିର୍ମାଣଗତ ତ୍ରୁଟି, ଚାଳନାବେଳେ ମୋବାଇଲ ଫୋନ ବ୍ୟବହାର ଏବଂ ଦ୍ରୁତଗତିରେ ଗାଡ଼ି ଚଳାଇବା ହିଁ ଦୁର୍ଘଟଣାର ମୁଖ୍ୟକାରଣ ହୋଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏ ସବୁ ନିୟମ ଭାଙ୍ଗୁଥିବା ଚାଳକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଧାୟିକା ତଥା ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ଯେଉଁ କାରଣ ପାଇଁ ଦୁର୍ଘଟଣା ଘଟୁଛି ତାହାକୁ ଖୋଜି ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ବିଂଝାରପୁରର ସୟଦପୁରଠାରୁ ମଇନ୍ଦା ଛକ ମଧ୍ୟରେ ନିୟମିତ ଦୁର୍ଘଟଣା ଘଟୁଥିବାରୁ ଏ ଦିଗରେ ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକ ପରିଚାଳନା କରି ସଡ଼କ ସୁରକ୍ଷାକୁ ଅଧିକ ଫଳପ୍ରଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାଂଶ ମାର୍ଗ ଅଧିକ ସମ୍ବେଦନଶୀଳ ହୋଇଥିବାବେଳେ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ସହିତ ବିଭିନ୍ନ ସ୍ଥାନରେ ସୂଚନା ଫଳକ ଲଗାଇବା, ଧରପଗଡ଼କୁ ତ୍ୱରାନ୍ୱିତ କରାଇବା ଏବଂ ରାସ୍ତା ନିର୍ମାଣ ସମୟରେ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଣ୍ଡିଖୋଲ ଓ ଡୁବୁରୀଠାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜନସାଧାରଣଙ୍କ ସ୍ୱାର୍ଥ ସାଧନ ପାଇଁ ଟ୍ରାଫିକ ଲାଇଟ ସିଗନାଲ ବ୍ୟବସ୍ଥା କରିବାକୁ ଜିଲାପାଳ କହିଥିଲେ। ଅନ୍ୟପକ୍ଷରେ ଚଣ୍ଡିଖୋଲ ଛକରେ ରାସ୍ତା ଉପରେ ପାର୍କିଂ କରୁଥିବା ଗାଡିଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଓ ବସ୍ ରହିବା ସ୍ଥଳକୁ ଅବରୋଧ ମୁକ୍ତ କରିବାକୁ ସ୍ଥିର ହୋଇଥିଲା। ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଚଣ୍ଡିଖୋଲ ଆରଟିଓ ଲାଲମୋହନ ସେଠୀ, ଯାଜପୁର ଆରଟିଓ ସଚ୍ଚିଦ୍ରନାଥ ପଣ୍ଡା, ଅତିରିକ୍ତ ଏସ୍‌ପି ଜୟରାମ ଶତପଥିଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୨ଜଣଙ୍କୁ ୩ବର୍ଷ କାରାଦଣ୍ଡାଦେଶ, ୨୦ ହଜାର ଟଙ୍କା ଜରିମାନା

## ଜମିବାଡ଼ି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣା

ଯାଜପୁର ଟାଉନ,୩୧।୧(ଡିଏନଏ)

ଜମିବାଡି କଳହକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ ଶୁକ୍ରବାର ୨ଜଣଙ୍କୁ ଅତିରିକ୍ତ ଦୌରାଜଜ୍(ଫାଷ୍ଟଟ୍ରାକ୍) ପ୍ରଦ୍ୟୋମୟୀ ସୁଜାତା ୩ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରି ରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୧୦ ଅଗଷ୍ଟ ୨୪ରେ ବିବାଦୀୟ ଜମି ଉପରେ ଅଡଙ୍ଗ ପୁରୁଷୋତ୍ତମପୁର ଗ୍ରାମର ସରୱର ଜମାନ ଖାଁ ବାଡ ବୁଜୁଥିଲେ। ଏହି ସମୟରେ ସେହି ଗ୍ରାମର ସାହାଜାନ ଖାଁ, ତାଙ୍କ ସ୍ତ୍ରୀ ବେଗମ ବିବି ଓ ପୁଅ ସଲିମ ଖାଁ ଖଣ୍ଡା, ଭୁଜାଲି ଓ ଠେଙ୍ଗା ଧରି ସରୱର ଜମାନ ଖାଁ, ତାଙ୍କ ସ୍ତ୍ରୀ ଚନରା ବିବି, ପୁଅ ବାବୁଜାନ ଖାଁ ଓ ମିଆଁଜାନ ଖାଁଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସେମାନଙ୍କର ମୁଣ୍ଡ, ପିଠି, ଗୋଡରେ ପ୍ରବଳ ଆଘାତ ଲାଗିଥିଲା। ପରଦିନ ସରୱର ଜମାନ ଖାଁ ଯାଜପୁରସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାଧିକାରୀ ଏକ ମାମଲା (ନଂ. ୬୮/୨୦୧୦) ରୁଜୁ କରି ତଦନ୍ତ କରି ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ମୁଖ୍ୟ ଅଭିଯୁକ୍ତ ସାହାଜାନ ଖାଁ ମାମଲା ବିଚାରାଧୀନ ଥିବା ସମୟରେ ମୃତ୍ୟୁବରଣ କରିଥିଲେ। ତେବେ ଏହି ମାମଲାର ଚୂଡାନ୍ତ ଶୁଣାଣି କରି ୭ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଅଭିଯୁକ୍ତ ବେଗମ ବିବି ଓ ତାଙ୍କ ପୁଅ ସଲିମ୍ ଖାଁଙ୍କୁ ୩ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ପାଇଁ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶୈଳେନ୍ଦ୍ର କୁମାର ସାମଲ ମାମଲା ପରିଚାଳନା କରିଥିଲେ।

# ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂ

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଯାଜପୁର ଟାଉନ,୩୧।୧(ଡିଏନଏ)

ଯାଜପୁର ଏମ୍‌ସିସି କ୍ଲବ୍ ଆନୁକୂଲ୍ୟରେ ବାଳାଶ୍ରମ ପଡ଼ିଆରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚରେ ଚରମ୍ପା ଏକାଡେମୀ ୧୮ରନରେ ପରାସ୍ତ କରି କଟକର ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲକୁ ପ୍ରବେଶ କରିଛି। ୟୁନିୟନ ସ୍ପୋର୍ଟିଂ ଟସ୍ ଜିଣି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଚରମ୍ପା ଏକାଡେମୀ ୩୦ ଓଭର ଖେଳି ୮ୱିକେଟ ହରାଇ ୧୬୯ରନ୍ କରି ପରାଜୟ ବରଣ କରିଥିଲା। ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଭାବେ ୟୁନିୟନ ସ୍ପୋର୍ଟିଂର ନରୋତ୍ତମ ଭଞ୍ଜଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ଅମ୍ପାୟାରଭାବେ ଖଗେଶ୍ୱର ମଲ୍ଲିକ ଓ ଆଶୁତୋଷ ପାଣି ପରିଚାଳନା କରିଥିବାବେଳେ ସ୍କୋରରଭାବେ ଶୁଭ୍ରାଂଶୁ ଶେଖର ବେହୁରିଆ ଏବଂ ଜଗନ୍ନାଥ ସାମଲ ପରିଚାଳନା କରିଥିଲେ।



ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


ଯାଜପୁର ଜିଲା ସୁକିନ୍ଦାସ୍ଥିତ ପର୍ଯ୍ୟଟନସ୍ଥଳ ଅଶୋକଝରକୁ ସଫେଇ କରିବା ପାଇଁ ଆସିଥିବା ସୁକିନ୍ଦା ପ୍ରେସକ୍ଲବର ସଦସ୍ୟମାନେ।

### ସିଏଏ ସପକ୍ଷରେ ବଜରଙ୍ଗ ଦଳର ଶୋଭାଯାତ୍ରା

ଯାଜପୁର ଟାଉନ,୩୧।୧(ଡିଏନଏ) ନାଗରିକତା ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟକୁ ନେଇ ଶୁକ୍ରବାର ଯାଜପୁର ନଗର ବଜରଙ୍ଗ ଦଳ ପକ୍ଷରୁ ଏକ ମଟରସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦଳର ଶତାଧିକ ସଦସ୍ୟ ସ୍ଥାନୀୟ ବିରଜା ମନ୍ଦିର ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଯାଉଁଳିବନ୍ଧସ୍ଥିତ ଜିଲା ବଜରଙ୍ଗ ଦଳ କାର୍ଯ୍ୟାଳୟ ନିକଟରେ ଶେଷ କରିଥିଲେ। ଯାଜପୁର-କେନ୍ଦ୍ରାପଡା ସାମାଜିକ ସମରସତା ପ୍ରମୁଖ ରବୀନ୍ଦ୍ର ଦାଶ, ବଜରଙ୍ଗ ଦଳର ଜିଲା ସଂଯୋଜକ ସମୀର କୁମାର ନାୟକ, ସହସଂଯୋଜକ ଚନ୍ଦ୍ରକାନ୍ତ କର, ଜିଲା ସୂଚନା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ବିଶ୍ୱହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ବଳ, ଜିଲା ସେବା ପ୍ରମୁଖ ଦୋଳଗୋବିନ୍ଦ ଯେନା, ଜିଲା ପ୍ରଚାର-ପ୍ରସାର ପ୍ରମୁଖ ଦେବୀ ପ୍ରସାଦ ପାଣି, ଯାଜପୁର ନଗର ସହସଂଯୋଜକ ହରିଶଙ୍କର ପାଣି, ଲିପୁନ୍ ପାତ୍ର, ସୁବ୍ରତ ଦାଶ, ଆଶୁତୋଷ ରାଉ୍ତ, ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

### ୪ ଫେରାର ଅଭିଯୁକ୍ତ ଗିରଫ

କଳିଙ୍ଗନଗର,୩୧।୧(ଡିଏନଏ) ଦାନଗଦୀ ଆଉଟପୋଷ୍ଟ ପୋଲିସ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ୪ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନେ ହେଲେ ଗୋଡିଗୋଠ ଗାଁର ନନ୍ଦେଇ ଜେନା(୩୩), ବାପି ଜେନା, ହିମାଂଶୁ ଶେଖର ଜେନା(୩୩), ଛୋଟା ଜେନା(ଆଲିଆସ), ସୁବାସ ଜେନା (୩୩) ଓ ଦାନଗଦି ତ୍ରିଜଙ୍ଗା କଲୋନୀର ବିରସିଂ ବଦ୍ରା (୩୫)। ଏମାନଙ୍କ ନାଁରେ ଯାଜପୁର ରୋଡ ଥାନାରେ ୱାରେଣ୍ଟ ଥିବାବେଳେ ଦୀର୍ଘଦିନ ଧରି ସେମାନେ ଫେରାର ଥିଲେ।

# ଗୋଲ୍‌ଡେନ ଷ୍ଟାର କ୍ରିକେଟ୍: ଇନ୍ଦୁପୁର ଚାମ୍ପିୟନ


ବିଧାୟିକା ଓ ଅନ୍ୟ ଅତିଥିମାନେ ଖେଳାଳିଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

ରତ୍ନଗିରି,୩୧।୧(ଡିଏନଏ)

ଗମ୍ଭୁ ଗୋଲ୍‌ଡେନ ଷ୍ଟାର ତରଫରୁ ଚାଲିଥିବା ୨୦୨୦-ଟ୍ରଫି ଫାଇନାଲ ମ୍ୟାଚରେ ଇନ୍ଦୁପୁର ବିଜୟୀ ହୋଇଛି। ଏହି ଫାଇନାଲ ମ୍ୟାଚ୍ ଇନ୍ଦୁପୁର ଓ ଡାଇନାମିକ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଇନ୍ଦୁପୁର ନିର୍ଦ୍ଧାରିତ ୨୦ ଓଭରରେ ୧୬୬ ରନ୍ ସଂଗ୍ରହ କରିଥିବାବେଳ ଜବାବରେ ଡାଇନାମିକ କ୍ରିକେଟ୍ କ୍ଲବ ୯ ୱିକେଟ ହରାଇ ୧୬୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଇନ୍ଦୁପୁର ଦଳର ଅମୀୟ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚଭାବେ ବିବେଚିତ ହୋଇଥିବାବେଳେ ଡାଇନାମିକ୍ କ୍ରିକେଟ କ୍ଲବର ଜ୍ୟୋତିରଞ୍ଜନ ମଳିକ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ମୁଖ୍ୟବକ୍ତାଭାବେ ଅଦ୍ୱୈତ ବଲ୍ଲଭ ଜେନା, ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ଅନ୍ନପୂର୍ଣ୍ଣା ମହାନ୍ତି ଓ ପୂର୍ବତନ ସରପଞ୍ଚ ଆର୍ତ୍ତବନ୍ଧୁ ସାମଲ ଯୋଗ ଦେଇଥିଲେ। କ୍ଲବର ସମ୍ପାଦକ ପ୍ରତାପ ଦାସ ସଭା ପରିଚାଳନା କରିଥିବାବେଳେ ଗମ୍ଭୁର ପୂର୍ବତନ ସରପଞ୍ଚ ସନ୍ତୋଷ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କେଦାର ନାୟକ ଓ ଜ୍ଞାନରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

### ‘ଗୀତା ମାନବୀୟ ସମ୍ବିଧାନ, କର୍ମବାଣୀର ସମାହାର ଗ୍ରନ୍ଥ’

ବରୀ,୩୧।୧(ସ୍ୱପ୍ର)

ବରୀ ବ୍ଲକ ରମ୍ଭା ପଞ୍ଚାୟତର ନୂଆ ଗାଁସ୍ଥିତ ଶ୍ରୀବଳଦେବ ଜୀଉଙ୍କର ପଞ୍ଚଦଶତମ ବାର୍ଷିକୀ ଉତ୍ସବରେ ବିଶ୍ୱପ୍ରେମୀ ବାବା ବଳିଆଙ୍କ ଦ୍ୱାରା ଗୀତା କଥାଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ୍ ଭଗବତ ଗୀତା ଧର୍ମ ଶାସ୍ତ୍ର ନୁହଁ; ଏହା ମାନବୀୟ ସମ୍ବିଧାନ ଓ କର୍ମବାଣୀର ସମାହାର ଗ୍ରନ୍ଥ। ବିଶ୍ୱର ପ୍ରତିଟି ମଣିଷ ପାଇଁ ଏହା ଉଦ୍ଦିଷ୍ଟ ବୋଲି ବାବା ପ୍ରକାଶ କରିଥିଲେ। ଆଜିର ସାମାଜିକ ବ୍ୟବସ୍ଥାରେ ପ୍ରତ୍ୟେକ ଯୁବକ ମଦ୍ୟ ମାଦକତାରୁ ଦୂରରେ ରହି ଲକ୍ଷ୍ମଣଙ୍କ ପରି ଶୃଙ୍ଖଳିତ ଓ ଚରିତ୍ରବାନ ହେବାକୁ ଉପଦେଶ ଦେଇଥିଲେ। ପ୍ରତ୍ୟେକ ମଣିଷ ଗୀତାକୁ ପଢିଲେ ମୁକ୍ତି ଓ ଭାଗବତ ଶୁଣିଲେ ମୁକ୍ତି ପାଇବେ ବୋଲି ବାବା ଏହି ଜ୍ଞାନ ଯଜ୍ଞରେ ପ୍ରକାଶ କରିଥିଲେ। ଶ୍ରୀବଳେଦବ ଜୀଉ ଯୁବକ ସେବା ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ , ବାବାଜୀ ସୁନ୍ଦର ଦାସ, ଗୋପାଳ ଦାସ ଆଦି ବୈଷ୍ଣବମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ଅନୁଷ୍ଠାନକୁ ଋଦ୍ଧିମନ୍ତ କରିଥିଲେ।

# ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

## ଅରୁଣିମାର ଦ୍ୱିତୀୟ ଦିବସ

କାଳିଆପାଣି/ କଳିଙ୍ଗନଗର, ୩୧।୧(ଡିଏନଏ)


ଅତିଥି ଦୈତାରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଟାଟାଷ୍ଟିଲ ପକ୍ଷରୁ ଆୟୋଜିତ ହୋଇଥିବା ଅରୁଣିମା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ ଜଳ ସଂରକ୍ଷଣ ଉପରେ ପର୍ଯ୍ୟବେକ୍ଷିତ ହୋଇଥିଲା। ଜଳ ସଂରକ୍ଷଣ ସମ୍ବନ୍ଧରେ ବିଶେଷଜ୍ଞଙ୍କ ସହ ଯାଜପୁର ଜିଲାରୁ ପ୍ରାୟ ୪୦୦ଜଣ ଯୁବତୀଯୁବକ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜାତିସଂଘ ପକ୍ଷରୁ ୨୦୧୮-୨୮କୁ ଜଳ ଦଶନ୍ଧି ରୂପେ ଘୋଷଣାରୁ ଅନୁପ୍ରେରିତ ହୋଇ ଚଳିତବର୍ଷ ଅରୁଣିମାରେ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ଚାଷଜମିକୁ ଜଳସେଚନ କରିବା ପାଇଁ ୧ କିଲୋମିଟର ଲମ୍ବା କେନେଲ ନିର୍ମାଣ କରିଥିବା କେନ୍ଦୁଝର ଜିଲା ବାଂଶପାଣି ବ୍ଲକ ବୈତରଣୀ ଗ୍ରାମର ୭୦ ବର୍ଷୀୟ ଦୈତାରୀ ନାୟକ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେବା ସହ ଦର୍ଶକଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ ଏକତ୍ରିତ ହୋଇ ଜଳ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ପଦ୍ମଶ୍ରୀ ପୁରସ୍କାର ବିଜେତା ନାୟକ ମତ ପ୍ରକାଶ କରିଥିଲେ। ନିତି ଆୟୋଗ ଅଟଳ ଅଭିନବ ମିଶନ୍ ସହଭାଗିତାରେ ଋଷିଆର ସୋଚିରେ ଗଭୀର ପ୍ରଯୁକ୍ତି ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଜଳ ବଣ୍ଟନ ମେଶିନ୍ ନିର୍ମାଣ କରିଥିବା ଓଡ଼ିଶାର ବ୍ରହ୍ମପୁର ଏକାଦଶ ଶ୍ରେଣୀର ଛାତ୍ର ପି .ବିଶ୍ୱନାଥ ପାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମ ବିକାଶରୁ ନରହରି ରାଉତ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ଦୀର୍ଘସ୍ଥାୟୀ ଜଳ ସଂରକ୍ଷଣ ପ୍ରଣାଳୀ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।

### ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ

ରସୁଲପୁର,୩୧।୧(ଡିଏନଏ)

ରସୁଲପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତର ଶ୍ରୀ ଗୋପିନାଥ ନୋଡାଲ ଉପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବଳରାମ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ସାହୁ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ସୁପ୍ରଭା ସାହୁ, ପୂର୍ବତନ ଶିକ୍ଷକ ଖୁଦିରାମ କୁଣ୍ଡୁ, କମିଟି ପକ୍ଷରୁ ତ୍ରିଲୋଚନ ନାଥ, ନରେନ୍ଦ୍ର ସାହୁ, ବିଶ୍ୱନାଥ ସାହୁ, ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ଶ୍ରୀଧର ସାହୁ, ଶିକ୍ଷକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ମହାତ୍ମାଗାନ୍ଧୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ‘ଯୋଜନାର ସଫଳ ରୂପାୟନ ପାଇଁ ଦାୟିତ୍ୱ ରହୁ’

## ଯାଜପୁର ଦିଶା କମିଟି ବୈଠକ ଅନୁଷ୍ଠିତ

ଯାଜପୁର ଟାଉନ,୩୧।୧(ଡିଏନଏ)

ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି (ଦିଶା କମିଟି) ବୈଠକ ଜିଲାପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ସରକାର ବିଭିନ୍ନ ଯୋଜନା ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କରୁଥିବାବେଳେ ଏହାକୁ ଠିକଭାବେ ପରିଚାଳନା ଓ ରୂପାୟନ କରିବା କ୍ଷେତ୍ରରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଦାୟିତ୍ୱବାନ ରହିବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷା ବିଭାଗରେ ବର୍ଷବର୍ଷ ଧରି ବିଦ୍ୟାଳୟ କମିଟି ବୈଠକ ଆୟୋଜନ ହେଉ ନ ଥିବାରୁ ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ବର୍ତ୍ତମାନ ବିବିଧ ସୁବିଧା ସୁଯୋଗ ସ୍କୁଲଗୁଡ଼ିକରେ ଉପଲବ୍ଧ ହେଉଥିଲେ ମଧ ପିଲାଙ୍କ ସଂଖ୍ୟା ହ୍ରାସ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ବିଜୁଳି ବିଭାଗ ଅନେକ ସ୍ଥାନରେ ଟ୍ରାନ୍ସଫର୍ମର ବସାଇଥିଲେ ବି ବିଦ୍ୟୁତ ସଂଯୋଗ ନ ହେବା ଦ୍ୱାରା ହିତାଧିକାରୀ ଉପକୃତ ହେଉ ନାହାନ୍ତି। ତେଣୁ ତତକ୍ଷଣାତ୍ ଏନେଇ ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏମ୍‌ପି ଶର୍ମିଷ୍ଠା ସେଠୀ ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ର ସରକାର ପ୍ରଣୟନ କରୁଥିବା ବିବିଧ ଯୋଜନାର ସଫଳ ରୂପାୟନ ପ୍ରତ୍ୟେକ ବିଭାଗର ଦାୟିତ୍ୱ ହୋଇଥିବାରୁ ଏହାକୁ ନିଷ୍ଠାର ସହ ପ୍ରତ୍ୟେକ ପାଳନ ପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ଯେକୌଣସି ସମୀକ୍ଷା ବୈଠକର ସପ୍ତାହକ ଆଗରୁ ଏଜେଣ୍ଡା ପ୍ରଦାନ କରିବା ଉପରେ ସେଠୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା, ଟେଲିକମ, ରେଳବାଇ, ରାଜପଥ, ଜଳପଥ ମାର୍ଗ, ଖଣି, ଡିଜିଟାଲ ଇଣ୍ଡିଆ, ପିଏମକେବିୱାଇ, ଗ୍ରାମ ସଡକ ଯୋଜନା ଇତ୍ୟାଦି ଉପରେ ମଧ ଆଲୋଚନା କରାଯାଇଥିଲା। ଜିଲାପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ପ୍ରତ୍ୟେକ ଯୋଜନା ଯେମିତି ଲୋକଙ୍କ ନିକଟରେ ପହଞ୍ଚିବ ସେ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ବୈଠକକୁ ପରିଚାଳନା କରିଥିବାବେଳେ ବିଭାଗୀୟ ଅଧିକାରୀଙ୍କୁ ଆଗାମୀ ବୈଠକରେ ସମ୍ପୂର୍ଣ୍ଣ ତଥ୍ୟ ଧରି ଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧/୨୦୨୦ Bhubaneswar, Saturday, February 1/ 2020

# ଚିଙ୍ଗୁଡ଼ି ଘେରି ଉଜାଡୁଛି ପରିବେଶ

କେନ୍ଦ୍ରାପଡା ଅଫିସ,୩୧।୧

ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ଭିତରକନିକା ମହୋତ୍ସବ ରାଜନଗର ବ୍ଲକର ନଳିତାପାଟିଆଠାରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମୟରେ ଜାତୀୟ ଉଦ୍ୟାନର ବିକାଶ ପାଇଁ ପ୍ରାୟ ୩୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା ହେବା ସମ୍ଭାବନା ଅଛି। ଏଥିପାଇଁ ପ୍ରଶାସନିକ ସ୍ତରରେ ମହୋତ୍ସବ ପ୍ରସ୍ତୁତିକୁ ଜୋରଦାର କରାଯାଉଥିବା ବେଳେ ପରିବେଶବିତ୍‌ମାନେ ଭିତରକନିକାର ମୂଳ ସମସ୍ୟାର ସମାଧାନ ହେଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଚିଙ୍ଗୁଡି ଘେରି ଉଚ୍ଛେଦ ନ ହେବା ମହୋତ୍ସବର ବାସ୍ତବତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିସହିତ ଏହି ସମସ୍ୟା ପାଇଁ ଜିଲାର ୧୪୭ଟି ପରିବେଶ ସମ୍ବେଦନଶୀଳ ଗ୍ରାମ ଉଜୁଡି ଯାଉଛି ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳ ସଂରକ୍ଷଣ ସମିତିର ସଭାପତି ସତ୍ୟପ୍ରକାଶ ମହାନ୍ତି କୁହନ୍ତି ଯେ, ୨୦୧୪ ମସିହା ଅକ୍ଟୋବର ୨୧ ତାରିଖରେ ଭାରତ ସରକାରଙ୍କ ଏକ ବିଜ୍ଞପ୍ତି (ନଂ- ୨୧୮୦ ଜେ)ପ୍ରକାଶ ହୋଇଥିଲା । ଏଥିରେ କେନ୍ଦ୍ରାପଡା ଜିଲାର ୧୪୭ଟି ଗ୍ରାମକୁ ପରିବେଶ ସମ୍ବେଦନଶୀଳ ଗ୍ରାମ ଭାବେ ଘୋଷଣା କରିବା ପାଇଁ ପ୍ରସ୍ତାବ ରହିଥିଲା । ଇତିମଧ୍ୟରେ ଏହି ପ୍ରସ୍ତାବ ଗୃହୀତ ହୋଇସାରିଛି । ତେବେ ମହାକାଳପଡା ଓ ରାଜନଗର ବ୍ଲକ ଅଞ୍ଚଳରେ ବଢୁଥିବା ଚିଙ୍ଗୁଡି ଘେରି ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶକୁ ନଷ୍ଟ କରିଚାଲିଛି । ସେ କହିଛନ୍ତି ଯେ, ୨୦୧୬ ମସିହାରେ ୟୁନେସ୍କୋ ପକ୍ଷରୁ ଜାତୀୟ ଉଦ୍ୟାନକୁ ବିଶ୍ୱ ଐତିହ୍ୟ ମାନ୍ୟତା ପାଇଁ ସର୍ଭେ ହୋଇଥିଲା । ଭିତରକନିକା ସଂରକ୍ଷିତ ଅଭୟାରଣ୍ୟ ମଧ୍ୟରେ ଅବାଧ ପ୍ରବେଶ ଓ ଚିଙ୍ଗୁଡି ଘେରି ରହିଥିବାରୁ ୟୁନେସ୍କୋ ପକ୍ଷରୁ ଅନୁଷ୍ଠିତ ବୈଠକରେ ଏହି ଜାତୀୟ ଉଦ୍ୟାନ ବିଶ୍ୱ ଐତିହ୍ୟ ମାନ୍ୟତାରୁ ବଞ୍ଚିତ ହୋଇଛି । ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ଗତ ଡିସେମ୍ବର ୧୩ ତାରିଖରେ ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ସମିତି ପକ୍ଷରୁ ଅବଗତ କରାଯାଇଛି । ଏହାସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନ ନେବା କ୍ଷୋଭର ବିଷୟ ବୋଲି ମହାନ୍ତି ପ୍ରକାଶ କରିଛନ୍ତି । ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, ଭିତରକନିକା ମହୋତ୍ସବ ଆମ ଜିଲା ପାଇଁ ଗୌରବ ପ୍ରଦାନ କରିବ । ରାଜ୍ୟ ସରକାରଙ୍କ ପ୍ୟାକେଜ୍ ଭିତରକନିକାର ବିକାଶ ପାଇଁ ସହାୟକ ହେବ । ମହୋତ୍ସବ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଥିବା ବେଳେ ବିକାଶ ପାଇଁ ପ୍ୟାକେଜ୍ ଏହି ବନାଞ୍ଚଳର ଗ୍ରିମା ବୃଦ୍ଧି କରିବ । ତେବେ ମହୋତ୍ସବ ପୂର୍ବରୁ ଚିଙ୍ଗୁଡି ଘେରି ଉଚ୍ଛେଦ କରିବାର ଥିଲା । ଏହି ଘେରି ପାଇଁ ବିଶ୍ୱ ଐତିହ୍ୟ ତାଲିକାରୁ ଜାତୀୟ ଉଦ୍ୟାନ ବଞ୍ଚିତ ହୋଇଛି । ଜୈବ ବିବିଧତାରେ ଭରା ଏହି ଜାତୀୟ ଉଦ୍ୟାନ ଚିଙ୍ଗୁଡି ଘେରି ପାଇଁ ନଷ୍ଟ ହେଉଛି । ସମୁଦ୍ରର ଲୁଣା ପାଣିକୁ ଚିଙ୍ଗୁଡି ବ୍ୟବସାୟୀ ଉପଯୋଗ କରି ଗ୍ରାମ୍ୟ ପରିବେଶକୁ ନଷ୍ଟ କରୁଛନ୍ତି । ପରିବେଶ ସୁରକ୍ଷା ଆଇନ ୧୯୮୬ ସେକ୍ସନ ୨୯ ଅନୁଯାୟୀ, ପରିବେଶ ସମ୍ବେଦନଶୀଳ ଗ୍ରାମଗୁଡିକରେ ଚିଙ୍ଗୁଡି ଘେରି ପ୍ରକଳ୍ପ ହୋଇପାରିବ ନାହିଁ । ଏଥିସହିତ ବନବିଭାଗ, ବନ୍ୟପ୍ରାଣୀ ବିଭାଗ, କୋଷ୍ଟାଲ ଆକ୍ୱାକଲଚର ଅଥରିଟି ଓ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପ୍ରସ୍ତୁତ ସିଇସି (ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି) ଗାଇଡଲାଇନ୍ ଉଲ୍ଲଂଘନ ହୋଇଥିବାରୁ ଚିଙ୍ଗୁଡି ଘେରି ନିର୍ମାଣ ବେଆଇନ । ଆର୍ଦ୍ରଭୂମି ସୁରକ୍ଷା କମିଟିର ଜିଲା ଆବାହକ ରଞ୍ଜନ କୁମାର ଦାସ କୁହନ୍ତି ଯେ, ମହୋତ୍ସବ ଦ୍ୱାରା ଭିତରକନିକାର ପ୍ରକୃତ ସମସ୍ୟା ସମାଧାନ ହୋଇ ପାରିବ ନାହିଁ। ଭିତରକନିକା ନିକଟରେ ଥିବା ଗ୍ରାମଗୁଡିକ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷିତ ହୋଇଥିବାରୁ ଏହି ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି ଆବଶ୍ୟକ । ଅବାଧ ଚିଙ୍ଗୁଡି ଚାଷ ଓ ସଂରକ୍ଷଣ ଅଞ୍ଚଳରେ ଲୋକଙ୍କ ପ୍ରବେଶ ବନ୍ଦ କରିବା ଆବଶ୍ୟକ ହୋଇପଡିଛି । ପ୍ରଶାସନିକ ନଜର ନ ଥିବାରୁ ଏହି ଅଞ୍ଚଳରେ ଏବେ ନିଶା, କୋଇଲା ବେପାର, ଜନ୍ତୁ ଶିକାର, ଜଙ୍ଗଲ ଜମି ଜବରଦଖଲ ଆଦି ବେଆଇନ କାରବାର ବଢି ଚାଲିଛି । ମହୋତ୍ସବ ଏହି ସମସ୍ୟାର ସମାଧାନ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି ।


ଭିତରକନିକା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହୋଇଥିବା ଚିଙ୍ଗୁଡି ଘେରି।

**୭ରୁ ୯ ତାରିଖ ପର୍ଯ୍ୟନ୍ତ ଭିତରକନିକା ମହୋତ୍ସବ**

## ସଂକ୍ଷେପରେ

### ୪ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ମହାକାଳପଡା,୩୧।୧(ଡି.ଏନ.ଏ.) ମହାକାଳପଡା ବ୍ଲକ ଜମ୍ବୁ ମେରାଇନ ଥାନା ଅଞ୍ଚଳରେ ଜଣେ ୪ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଛି । ନାବାଳକା ଜଣକ ଘରେ ଏକୁଟିଆ ଥିଲେ । ଏହି ସୁଯୋଗରେ ସେହି ଗ୍ରାମର ଜଣେ ନାବାଳକ ତାଙ୍କୁ ବଳାତ୍କାର କରିଥିବା ନାବାଳିକାଙ୍କ ମାଆ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ସଂପୃକ୍ତ ନାବାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ଏ ନେଇ ୫/୨୦୨୦ରେ ମାମଲା ରୁଜୁ ହୋଇଛି ।

### ନିମ୍ନମାନର ମୋବାଇଲ ବିକ୍ରି : ୩୩ ହଜାର ଟଙ୍କା ଜରିମାନା

କେନ୍ଦ୍ରାପଡା ଅଫିସ, ୩୧।୧- ନିମ୍ନମାନର ମୋବାଇଲ ବିକ୍ରି କରିବା କମ୍ପାନୀ କର୍ତ୍ତୃପକ୍ଷ ଓ ଡିଲରଙ୍କୁ ମହଙ୍ଗା ପଡିଛି । ବିକ୍ରି ପରର ସେବା ଠିକ ଭାବେ ଯୋଗାଇ ଦେଇ ନ ଥିବାରୁ ୩୩ ହଜାର ଟଙ୍କା ଖାଉଟି ଅଦାଲତ ପକ୍ଷରୁ ଜରିମାନା ହୋଇଛି । ଏହି ଜରିମାନା ଅର୍ଥ ଗତ ୧୩ ତାରିଖରେ ମୋବାଇଲ କ୍ରେତା ଅର୍ପିତା ପରିଡାଙ୍କ ବ୍ୟାଙ୍କ ଖାତାକୁ ଆସିଛି। ଖାଉଟି ଅଦାଲତରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଟାଉନ ଥାନା ଅନ୍ତର୍ଗତ ସହରର ବଳଗଣ୍ଡି ବଜାରର ଅର୍ପିତା ଗତ ୨୦୧୬ ନଭେମ୍ବର ୧୧ ତାରିଖରେ ଏହି ଥାନା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଡିଲରଙ୍କ ଠାରୁ ୨୪,୯୦୦ ଟଙ୍କା ଦେଇ ମୋବାଇଲ କିଣିଥିଲେ । ଏଥିରେ ୨ ହଜାର ୯ ଶହ ୯୯ ଟଙ୍କାର ଏକ ଇନ୍‌ସ୍ୟୁରାନ୍‌ସ ରହିଥିଲା । ୨୦୧୭ ଅଗଷ୍ଟ ୧୦ରେ ଏହି ମୋବାଇଲ ଖରାପ ହୋଇଯାଇଥିଲା । ୱାରେଣ୍ଟି ପରିୟଡ ଥିଲେ ମଧ୍ୟ କମ୍ପାନୀ ଓ ଡିଲର ଏହି ମୋବାଇଲ ମରାମତି କରିବା ଅଥବା ଫେରସ୍ତ ପାଇଁ ଉଦ୍ୟମ କରି ନ ଥିଲେ । ଏଥିପାଇଁ ୨୦୧୮ ଅଗଷ୍ଟ ୨୮ ତାରିଖରେ ଅର୍ପିତା ଖାଉଟି ଅଦାଲତରେ ଏକ ପିଟିସନ ଦାଖଲ କରିଥିଲେ । ଏହି ମାମଲାର ଶୁଣାଣି କରି ଖାଉଟି ଅଦାଲତ ପକ୍ଷରୁ ୩୩ ହଜାର ଟଙ୍କା ଜରିମାନା ଅର୍ଥ ହିତାଧିକାରୀଙ୍କୁ ଦେବା ପାଇଁ ଗତ ୨୦୧୯ ଜୁଲାଇ ୧୨ରେ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାକୁ ଆଇନଜୀବୀ ମନୋରଞ୍ଜନ ବାରିକ ପରିଚାଳନା କରୁଥିଲେ ।

## ଉପସଭାନେତ୍ରୀ ପଦ ଫେରିପାଇଲେ ଅଜୟଲକ୍ଷ୍ମୀ

କେନ୍ଦ୍ରାପଡା ଅଫିସ, ୩୧।୧

କେନ୍ଦ୍ରାପଡା ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ବହିଷ୍କୃତ ଅଜୟଲକ୍ଷ୍ମୀ ସାହୁ ପୁନର୍ବାର ଉପସଭାନେତ୍ରୀ ପଦ ଫେରିପାଇଛନ୍ତି। ଏନେଇ ଉଚ୍ଚ ନ୍ୟାୟାଳୟରେ ଚାଲିଥିବା ମାମଲା (ନଂ- ୧୩୫୦୬/ ୧୭)ର ରାୟ ଗତ ୨୪ ତାରିଖରେ ପ୍ରକାଶ ପାଇଛି। ମାମଲା ଅନୁଯାୟୀ, ଅଜୟଲକ୍ଷ୍ମୀ ନିର୍ବାଚିତ ହୋଇ ୨୦୧୫ ମସିହାରେ ବ୍ୟାଙ୍କ ପରିଚାଳନା ପରିଷଦର ଉପସଭାନେତ୍ରୀ ପଦ ପ୍ରାପ୍ତ ହୋଇଥିଲେ। ୨୦୧୭ ମସିହାରେ ତତ୍କାଳୀନ ବ୍ୟାଙ୍କ ସଭାପତି ଅଜୟଲକ୍ଷ୍ମୀଙ୍କ ସ୍ୱାମୀ ପ୍ରଫୁଲ୍ଲ ଋଣ ଅର୍ଥ ଫେରାଉ ନ ଥିବା ଦର୍ଶାଇ ବ୍ୟାଙ୍କ ପରିଚାଳନା ପରିଷଦର ନିର୍ଦ୍ଦେଶିକା ପଦରୁ ଅନ୍ତର କରିଥିଲେ । ଏହାକୁ ନେଇ ଅଜୟଲକ୍ଷ୍ମୀ ୨୦୧୭ ମସିହାରେ ଉଚ୍ଚ ନ୍ୟାୟାଳୟରେ ମାମଲା କରିଥିଲେ। ଜଷ୍ଟିସ ବି ରଥ ଏହି ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ବ୍ୟାଙ୍କ ପରିଚାଳନା ପରିଷଦର କାର୍ଯ୍ୟାକାଳ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରହିଥିବା ସିଇଓ ସୁଶିଲ କୁମାର ସାମଲ ସୂଚନା ଦେଇଛନ୍ତି।

## ସାହସୀ ଝିଅ ପୂର୍ଣ୍ଣିମା, ସବିତାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା ଅଫିସ, ୩୧।୧

ଜାତୀୟ ସାହସିକତା ପୁରସ୍କାର ପ୍ରାପ୍ତ ପୂର୍ଣ୍ଣିମା ଗିରି ଓ ସବିତା ଗିରି ନୂଆଦିଲ୍ଲୀରୁ ଫେରି ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାପଡାରେ ପହଞ୍ଚିଛନ୍ତି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନାଯୋଗ୍ୟଯେ, କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ନିପାଣିଆରେ ୨୦୧୯ ଜାନୁୟାରୀ ୨ ତାରିଖରେ ଏକ ଯାତ୍ରୀବାହୀ ଡଙ୍ଗା ବୁଡି ଯାଇଥିଲା। ଏଥିରେ ୮ ଶିଶୁଙ୍କ ସମେତ ୨ ମହିଳାଙ୍କର ମୃତ୍ୟୁ ହୋଇଥିଲା । ଏହି ସମୟରେ ସବିତା ଓ ପୂର୍ଣ୍ଣିମା କୁମ୍ଭୀର ପ୍ରବଣ ନଦୀରେ ପଶି ୧୨ ଜଣ ଲୋକଙ୍କୁ ଉଦ୍ଧାର କରିଥିଲେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସାହାସିକତା ପୁରସ୍କାର ପ୍ରଦାନ କରାଯିବା ସହିତ ଜାତୀୟସ୍ତରର ସାହାସିକତା ପୁରସ୍କାର ପାଇଁ ଅନୁମୋଦନ କରାଯାଇଥିଲାଜ୍। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଏଡିଏମ ବସନ୍ତ କୁମାର ରାଉତ ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ମିତାଞ୍ଜଳି ମହାପାତ୍ର, ଜିଲା ଶିଶୁ ସୁରକ୍ଷା ବିଭାଗର କନକଲତା ବେହେରା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇଥିଲେ ।


ଜିଲା ପ୍ରଶାସନ ପକ୍ଷରୁ ସବିତା ଓ ପୂର୍ଣ୍ଣିମାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଯୌତୁକ ନିର୍ଯାତନା : ୪ ଜଣଙ୍କୁ ଦୁଇବର୍ଷ ଜେଲଦଣ୍ଡ

ରାଜନଗର, ୩୧।୧(ଡି.ଏନ.ଏ.)

ଏକ ଯୌତୁକ ନିର୍ଯାତନା ମାମଲାର ବିଚାର କରି ରାଜନଗର ଜେଏମଏଫସି କୋର୍ଟର ବିଚାରପତି ସାଧନଜିତ୍ ପଣ୍ଡା ୪ ଜଣଙ୍କୁ ୨ବର୍ଷ ଲେଖାଏ ଜେଲଦଣ୍ଡ ଓ ୫ ହଜାର ଟଙ୍କାର ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ୩୦ ଦିନର ଅଧିକ ଜେଲଦଣ୍ଡର ରାୟ ଶୁଣାଇଛନ୍ତି। ପ୍ରକାଶ ଯେ, ଯଦୁଚନ୍ଦ୍ରପୁର ଗାଁର ପ୍ରାଣକୃଷ୍ଣ ସେଠୀଙ୍କ ଝିଅ ସସ୍ମିତା ଧନେଶ୍ୱରପୁର ଗାଁର ଶଙ୍କର୍ଷଣ ସାମଲଙ୍କ ପୁଅ ଅଭିମନ୍ୟୁଙ୍କୁ ୨୦୦୩ରେ ବିବାହ କରିଥିଲେ। ବିବାହ ସମୟରେ ନଗଦ ୫୦ହଜାର ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଦେଇଥିଲେ। ବିବାହ ପରେ ସ୍ୱାମୀ, ଶଶୁର ଶଙ୍କର୍ଷଣ, ଶାଶୁ ଡାଳିମ୍ବ, ନଣନ୍ଦ ମାମିନା ସାମଲ ଅଧିକ ୫୦ହଜାର ଟଙ୍କା ଯୌତୁକ ଦାବି କରି ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ।

## ୨୦,୦୧୫ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ୧୦୩ କେନ୍ଦ୍ର

କେନ୍ଦ୍ରାପଡା ଅଫିସ, ୩୧।୧

ଫେବୃୟାରୀ ୧୯ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ରାପଡା ଜିଲାରେ ଏଥିପାଇଁ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି । ଜିଲା ଶିକ୍ଷା ବିଭାଗ ସୂଚନା ଅନୁଯାୟୀ ଚଳିତବର୍ଷ ମୋଟ ୧୦୩ଟି କେନ୍ଦ୍ରରେ ପରୀକ୍ଷା ହେବ। ରେଗୁଲାର, ଏକ୍ସରେଗୁଲାର, କରେସ୍ପୋଣ୍ଡେନ୍ସ, ମଧ୍ୟମା ଶ୍ରେଣୀରେ ଏଥିପାଇଁ ମୋଟ ୨୦,୦୧୫ ଶିକ୍ଷାର୍ଥୀ ଫର୍ମଫିଲପ କରିଛନ୍ତି। ଏଥିପାଇଁ ଜିଲାରେ ୯ଟି ନୋଡାଲ ସେଣ୍ଟର ହୋଇଛି । ଏଗୁଡିକ ହେଉଛି ରାଜକନିକାର ଆରଏନ ହାଇସ୍କୁଲ, ଆଳି ହାଇସ୍କୁଲ, ପଟ୍ଟାମୁଣ୍ଡାଇର କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲ, ରାଜନଗର ହାଇସ୍କୁଲ, କେନ୍ଦ୍ରାପଡା ଟାଉନ ହାଇସ୍କୁଲ, ଡେରାବିଶର ବାଲିଆ ହାଇସ୍କୁଲ, ମାର୍ଶାଘାଇ ସରକାରୀ ହାଇସ୍କୁଲ,ମହାକାଳପଡାର କେୟାରବାଙ୍କ ପଞ୍ଚାୟତ ହାଇସ୍କୁଲ ଓ ଗରଦପୁରର ପାଟକୁରା ହାଇସ୍କୁଲ। ଏହି ନୋଡାଲ ସେଣ୍ଟରରୁ ଦୁଇଟି ଲେଖାଏ ଗାଡିରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବାକୁ ସ୍ଥିର ହୋଇଥିବା ବେଳେ ରାଜନଗର ବ୍ଲକ ଅଞ୍ଚଳରେ ଏଥିପାଇଁ ୪ଟି ଗାଡି ନିୟୋଜିତ ହେବ ବୋଲି ରାମସା ସଂଯୋଜକ ପୀତବାସ ପଣ୍ଡା ସୂଚନା ଦେଇଛନ୍ତି ।

## ଭିତରକନିକାରେ ବାର୍ଡ ଫ୍ଲୁ ଆଶଙ୍କା

# ବିଦେଶୀ ପକ୍ଷୀଙ୍କ ମଳ ନମୁନା ସଂଗ୍ରହ



ରାଜନଗର,୩୧।୧(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟଉଦ୍ୟାନରେ ବାର୍ଡଫ୍ଲୁ ଆଶଙ୍କା ସୃଷ୍ଟି ହୋଇଛି। ଗତ ୨୮ ତାରିଖ ଦିନ ରାଜନଗର ଅଞ୍ଚଳରେ ଦୁଇଟି ବିଦେଶୀ ପକ୍ଷୀ ମରି ପଡିଥିବା ସୂଚନା ମିଳିବା ପରେ ପ୍ରାଣୀ ଚିକିତ୍ସା ବିଭାଗ ଓ ବନବିଭାଗ ସକ୍ରିୟ ହୋଇ ପଡିଛି । ଭିତରକନିକା ଫରେଷ୍ଟ ବ୍ଲକ ମଧ୍ୟରେ ବିଦେଶୀ ପକ୍ଷୀ ଭିଡ ଜମାଇଥିବା ସ୍ଥାନରୁ ୩୦ଟି ମଳ ନମୁନା ସଂଗ୍ରହ ହୋଇଛି। ଏଥିସହ ବିଦେଶୀ ପକ୍ଷୀମାନେ ପାଣି ପିଉଥିବା ଜଳାଶୟର ୩୦ ନମୁନା ସଂଗ୍ରହ କରାଯାଇଛି। ରାଜନଗର ପଶୁ ଚିକିତ୍ସାଧିକାରୀ ପତିତପାବନ ବଳ, ସହକାରୀ ପଶୁ ଚିକିତ୍ସାଧିକାରୀ ଦେବୀ ପ୍ରସାଦ କୁଣ୍ଡ, ପ୍ରକାଶ ଚନ୍ଦ୍ର ଜେନା ବନକର୍ମଚାରୀଙ୍କ ସହ ଭିତରକନିକା ଯାଇ ବିଦେଶୀ ପକ୍ଷୀଙ୍କ ନମୁନା ସଂଗ୍ରହ କରିଛନ୍ତି। ଏଥିସହ ଦୁଇ ବିଦେଶୀ ପକ୍ଷୀଙ୍କ ମୃତଦେହ ବଡପଲ୍ଲୀ ଅଞ୍ଚଳରୁ ମିଳିଥିବାରୁ ବଡପଲ୍ଲୀ, କାଙ୍କଦିଆ, ତେତେଲେଙ୍ଗା, ନରଣପୁର, ବାର୍ହାପୁର ପ୍ରଭୃତି ଗାଁରୁ ୬୦ ଦେଶୀ କୁକୁଡାଙ୍କ ଲାଳ, ମଳଦ୍ୱାର ଲାଳ, ମଳ ଓ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଶୁକ୍ରବାର ସମସ୍ତ ନମୁନାକୁ ଫୁଲନଖରା ସ୍ଥିତ ଆନିମଲ ଡିଜିଜ ରିସର୍ଚ୍ଚ ଇନଷ୍ଟିଚ୍ୟୁଟକୁ ପଠାଯାଇଛି।

# ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ନିର୍ଯାତିତା

ସୁକିନ୍ଦା,୩୧।୧(ଡି.ଏନ୍.ଏ.)

**ନିର୍ଯାତିତାଙ୍କ ଏତଲା ପଞ୍ଜୀକରଣରେ ବିଳମ୍ବ**

- ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମିଳିଲା ପ୍ରତିଶ୍ରୁତି
- ତଦନ୍ତକୁ ଦିଗହରା କରୁଛି ପୋଲିସ
- ସାତ ମାସର ଦୌଡ଼ ପରେ ବି ରୁଜୁ ହୋଇନି ମାମଲା

ମହିଳାଙ୍କୁ ଉତ୍ତମ ଆଇନ ସେବା ଯୋଗାଇଦେବା ନିମନ୍ତେ ପ୍ରତି ଥାନାରେ ମହିଳା ଡେସ୍କ ପ୍ରତିଷ୍ଠା ହୋଇଛି। ମାତ୍ର ଏହାର ବ୍ୟତିକ୍ରମ ଦେଖାଦେଇଛି କଳିଙ୍ଗନଗର ଥାନାରେ। ନିର୍ଯାତନା ଅଭିଯୋଗ କରିବାର ୭ମାସ ପରେ ମଧ୍ୟ ପୋଲିସ ଏତଲା ପଞ୍ଜୀକରଣ କରୁ ନାହିଁ। ଦୀର୍ଘ ୭ମାସ ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଅଭିଯୋଗକାରିଣୀ ଶେଷରେ ଶୁକ୍ରବାର ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେପଟେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଏହାର ତ୍ୱରିତ ପଦକ୍ଷେପ ନେବାକୁ କହିଛନ୍ତି। ଏପରି କି କମିଶନ କାଉନ୍‌ସେଲିଂ ମାଧ୍ୟମରେ ଘଟଣାର ସମାଧାନ କରିବାକୁ ଚେଷ୍ଟା କରିବ ନଚେତ ନିର୍ଯାତିତାଙ୍କ ମନବଳ ଦୃଢ଼ କରିବା ନିମନ୍ତେ କମିଶନଙ୍କ ପକ୍ଷରୁ ଏକ କର୍ମଯୋଜନା ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏଭଳି ସ୍ଥିତିରେ ଥାନା ବାବୁଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜଣେ ମହିଳାଙ୍କ ଅଭିଯୋଗକୁ ପୋଲିସ କାହିଁକି ପଞ୍ଜୀକରଣ କରୁ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଡୁବୁରି(ସିଆରିଆ) ଗ୍ରାମର ଜଣେ ଯୁବତୀ(୨୨)ଙ୍କୁ ସେହି ଗ୍ରାମର ଅଜିତ ମଲ୍ଲିକ ନାମକ ଯୁବକ ବିଭିନ୍ନ ପ୍ରଲଭୋନ ଦେଖାଇ ପ୍ରେମ ଜାଲରେ ଫସାଇ ବିବାହ କରିଥିଲେ। ବିବାହର କିଛିଦିନ ପରେ ମହିଳାଙ୍କ ସ୍ୱାମୀ, ଶାଶୁ, ଯା, ଦେଢଶୁର ଯୌତୁକ ବାବଦକୁ ପ୍ରଚୁର ଅର୍ଥ ଦାବି କରିବା ସହ ସୁନାମୁଦି, ଚେନ, ମୋଟରସାଇକେଲ ବାପଘରୁ ଆଣିବା ପାଇଁ ଚାପ ପକାଇଥିଲେ। ଏପରି କି ବିଭିନ୍ନ ସମୟରେ ମହିଳାଙ୍କୁ ନାନା ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ଶାଶୁ ଘର ଲୋକେ ଥରେ କିରୋସିନ ଢାଳି ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ। ଏହାକୁ ବିରୋଧ କରି ମହିଳା ଜଣକ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଆଇଆଇସି ଆର୍. ଏନ୍. ପଟ୍ଟନାୟକ ଅଭିଯୋଗକୁ ଗ୍ରହଣ ନ କରି ଦିନ ଗଡ଼ାଇବାରୁ ମହିଳା ଜଣକ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରାଙ୍କୁ ଭେଟି ହସ୍ତକ୍ଷେପ ଲୋଡିଥିଲେ। ଏଏସପି ଥାନାଧିକାରୀଙ୍କୁ ଫୋନ କରି ତୁରନ୍ତ ନିର୍ଯାତିତାଙ୍କ ସ୍ୱାମୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଇଆଇସି କେବଳ ମହିଳାଙ୍କ ସ୍ୱାମୀ ଓ ପରିବାରବର୍ଗଙ୍କୁ ଥାନାକୁ ଡାକି ପଚରାଉଚରା ପରେ ଛାଡ଼ି ଦେଇଥିଲେ। ଏହା ଜଣାପଡ଼ିବା ପରେ ମହିଳା ଜଣକ ବାରମ୍ବାର ଥାନାକୁ ଦୌଡ଼ି ଗୁହାରି କରିଥିଲେ ସୁଦ୍ଧା କେହି ତାଙ୍କ କଥା ଶୁଣି ନ ଥିଲେ। ଶେଷରେ ପୋଲିସ ଠାରୁ ଆଶା ତୁଟାଇ ଓଡିଶା ଡୋମେଷ୍ଟିକ ଲେବର ଭାଓଲେନ୍‌ସ ଟ୍ରଷ୍ଟର ସଭାନେତ୍ରୀ ସ୍ୱୟଂପ୍ରଭା ସାହୁ ସିଏନ୍‌ଏନ୍ ଆଇବିଏନ୍ ପୁରସ୍କାରପ୍ରାପ୍ତ ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକଙ୍କ ଉପସ୍ଥିତିରେ ନିର୍ଯାତିତା ମହିଳା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ମୀନତି ବେହେରାଙ୍କୁ ଭେଟି ପୋଲିସର କାର୍ଯ୍ୟ ଓ ଘଟଣା ସମ୍ପର୍କରେ ଲିଖିତ ଜଣାଇଥିଲେ। ଅଭିଯୋଗ ପାଇବା ପରେ କମିଶନ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ କଳିଙ୍ଗନଗର ଆଇଆଇସି ପଟ୍ଟନାୟକଙ୍କୁ ପଚାରିବାରେ ସେ କିଛି କାର୍ଯ୍ୟରେ ବାହାରେ ଥିବାରୁ ପରେ ଏନେଇ କିଛି କହିପାରିବେ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ରାତି ୧୧ଟାରେ ଉଠିବ ଲଡୁବାବାଙ୍କ ମହାଦୀପ

**ନୟାଗଡ଼ ଅଫିସ,୩୧।୧**

ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କର ମହାଶିବରାତ୍ରି ଚଳିତ ମାସ ୨୧ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଦେବୋତ୍ତର ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶରଣକୁଳ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୧ ତାରିଖ ମହାଶିବରାତ୍ରି ଦିନ ଭୋର ତିନିଟାରୁ ପହଡ଼ ଖୋଲାଯାଇ ଠାକୁରଙ୍କ ଅବକାଶ ନୀତି ସମାପନ କରାଯିବ। ଏହା ପରେ ଭୋର ୪ଟାରୁ ସକାଳ ୭ଟା ୩୦ମିନିଟ୍ ପର୍ଯ୍ୟନ୍ତ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

## ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ

ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ୭ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ଠାକୁରଙ୍କ ସକାଳ ପୂଜା ନୀତି ସମାପନ କରାଯାଇ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲା ରହିବ। ଏହାପରେ ମାତ୍ର ୧ ଘଣ୍ଟା ମଧ୍ୟରେ ସନ୍ଧ୍ୟା ନୀତି ସମାପନ କରାଯାଇ ରାତ୍ର ୭ଟା ୩୦ ମିନିଟରୁ ରାତ୍ର ୧୦ଟା ୩୦ମିନିଟ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ପାଇଁ ଖୋଲାରହିବ। ରାତି ୧୦ଟା ୩୦ରେ ଠାକୁର ବେଢା ପରିକ୍ରମା କରିବା ପରେ ରାତ୍ର ୧୧ଟାରେ ମହାଦୀପ ଉଠିବା ପାଇଁ ସ୍ଥିର ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ପାଇଁ ସ୍ଥିରୀକୃତ ହୋଇଛି। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଶହୀଦ ଦିବସ ପାଳିତ

**ଦଶପଲ୍ଲା,୩୧।୧(ଡି.ଏନ୍.ଏ.)**

ଦଶପଲ୍ଲାର ବିଭିନ୍ନ ଅନୁଷ୍ଠାନ ତରଫରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଗାନ୍ଧୀ ମଇଦାନ ଠାରେ ଥିବା ମହାତ୍ମା ଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଏବଂ ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ଡା. ଅନ୍ତର୍ଯ୍ୟାମୀ ଭୂୟାଁ, ଗୁଣ୍ଠିତା ଲେଙ୍କା, ସୀତାରାମ ଲାଲଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରେ ଛାତ୍ରମାନଙ୍କୁ ନେଇ ଏକ ସଭା ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

### ଚଢ଼ାଉ ବେଳେ ଖଣି ଭିତରେ ଜଣେ ମୃତ

**ଖୋର୍ଦ୍ଧା ଅଫିସ,୩୧।୧:** ଖୋର୍ଦ୍ଧା ପୋଲିସ ଜିଲା ଜଙ୍କିଆ ଥାନାର ଅଁଳାଯୋଡି ମାଙ୍କଡାପଥର ଖଣି ଉପରେ ଶୁକ୍ରବାର ଚଢ଼ାଉ ସମୟରେ ଟ୍ରକ ଚଢ଼ି ଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମଳିପଡା ସୁରେଶ ସାମନ୍ତରାୟ(୪୮)। ଜଙ୍କିଆ ଥାନା ପୋଲିସ ନଂ. ୨୮/୨୦ରେ ଦୁର୍ଘଟଣାଜନିତ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିଭଳି ୧୫ ପାୱାରଟିଲର ଓ ୧ ଜେସିବି ଜବତ ହୋଇଛି। କେତେଜଣ ମାଫିଆ ଗୋଟିଏ ଜେସିବିକୁ ଖସାଇ ନେଇଛନ୍ତି। ତେବେ ଆଉ ଏକ ଜେସିବିକୁ ଖସାଇ ନେଉଥିବା ଉଦ୍ୟମ ହେଉଥିବାବେଳେ ଟ୍ରକ ମଳିପଡା ସୁରେଶଙ୍କୁ ଟାଣିକି କିଛି ଦୂରରେ ପକାଇ ଦେଇଥିଲା। ଫଳରେ ସୁରେଶଙ୍କ ମୃତ୍ୟୁ ହୋଇଥିଲା।

### ଟଙ୍କା ପାଇଁ ଖଣ୍ଡା ଚୋଟ

**ପୁରୀ ଅଫିସ,୩୧।୧:** ପୁରୀରେ ପୁଣି ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଶୁକ୍ରବାର ଗୋଟିଏ ଦିନରେ ଦୁଇଟି ଘଟଣା ଏହାକୁ ସ୍ପଷ୍ଟ କରୁଛି। ସିଟି ରୋଡ ଅଞ୍ଚଳରେ ସ୍ପଷ୍ଟ ଦିବାଲୋକରେ ଘରେ ପଶି ଦୁର୍ବୃତ୍ତ ଲୁଟ୍ କରିଥିବାବେଳେ ଆଇଟିଆଇ ଛକ ନିକଟ ରାସ୍ତାରେ ଜଣେ ପଥଚାରୀଙ୍କୁ ଟଙ୍କା ପାଇଁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଏ ନେଇ ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ତାଳବଣିଆ ଭୁଦାନ ନଗରର ସୁନିଲ କୁମାର ପାଣିଗ୍ରାହୀ ଘରୁ ବାହାରି ଚାଲି ଚାଲି ଆଇଟିଆଇ ଛକ ଆଡକୁ ଯାଉଥିଲେ। ନିରୋଳା ସ୍ଥାନ ଦେଖି ରାସ୍ତାରେ ୪ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ ଏବଂ ଖଣ୍ଡା ଦେଖାଇ ଭୟଭୀତ କରି ଟଙ୍କା ମାଗିଥିଲେ। କିନ୍ତୁ ସେମାନଙ୍କ କଥା ନ ଶୁଣି ସୁନିଲ ବିରୋଧ କରିଥିଲେ। ଫଳରେ ଯୁବକମାନେ ଖଣ୍ଡାରେ ତାଙ୍କ ମୁଣ୍ଡକୁ ଏକ ଚୋଟ ମାରିଥିଲେ।

### ଶନିଶ୍ଚର ଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଖଣ୍ଡପଡା,୩୧।୧(ସ୍ୱ.ପ୍ର.)**-ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି ଗ୍ରାମର ବଢେଇ ସାହିସ୍ଥିତ ପ୍ରଭୁ ଶ୍ରୀଶନିଶ୍ଚର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧୀକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ନିକଟସ୍ଥ ଏକ ଜଳାଶୟରୁ ଜଳାଭାର ଧରି ଖଳିସାହି ଗ୍ରାମ ପରିକ୍ରମା କରି ମନ୍ଦିର ପରିସରସ୍ଥିତ ଯଜ୍ଞସ୍ଥଳୀ ନିକଟରେ ପହଁଚିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ନୂତନ ମନ୍ଦିର ପ୍ରତିଷ୍ଠା ପରେ ହୋମ ଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଇ ନୂତନ ବିଗ୍ରହଙ୍କୁ ଆସ୍ଥାନ ଉପରେ ସ୍ଥାପନ କରାଯାଇଥିଲା। ଶହଶହ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବ ମୁଖର ହୋଇ ଉଠିଥିଲା। ହରିବୋଲ ହୁଳହୁଳି ଧ୍ୱନୀରେ ଏଠାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ପ୍ରମୋଦ କୁମାର ଗଣ୍ଡିଆ ଓ ମୁଖ୍ୟ ପୁରୋଧା ଭାବେ ରମେଶ ଷଡଙ୍ଗୀ ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପନ୍ନ ହୋଇଥିଲା।

# ବସ୍-ଟ୍ରକ ଧକ୍କା: ୩୦ଆହତ, ୬ ଗୁରୁତର

**ରଣପୁର,୩୧।୧(ସ୍ୱ.ପ୍ର.)**

ନୟାଗଡ ଜିଲା ଚାନ୍ଦପୁର ଥାନା ୧୬ ନମ୍ବର ଜାତୀୟ ରାଜପଥର ବେଷ୍ଟଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରକ ସହ ବସ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଚାଳକଙ୍କ ସମେତ ୩୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ

- ୨ ଘଣ୍ଟା ରାସ୍ତାରୋକୋ
- ଘଟଣାସ୍ଥଳରେ ପହଞ୍ଚିଲେ ଡିଆଇଜି

ଅବସ୍ଥା ଗୁରୁତର ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ଦୀର୍ଘ ୨ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା।

ପ୍ରକାଶ ଯେ, ଓଡି୦୨ଏ ୯୨୩୭ ନମ୍ବର ବିଶିଷ୍ଟ ଓମ୍ ମା ନାମକ ଏକ ଘରୋଇ ବସ୍ ଭୁବନେଶ୍ୱରରୁ ବାହାରି ବାଲୁଗାଁ ଅଭିମୁଖେ ଯାଉଥିଲା ବେଳେ ଅପରାହ୍ନ ୩ଟାରେ ଚାନ୍ଦପୁର ନିକଟସ୍ଥ ବେଷ୍ଟଛକଠାରେ ବିପରୀତ ଦିଗରୁ ଆସୁଥିବା ଓଡି୦୭ ଏଲ୍ ୨୦୦୩ ନମ୍ବର ବିଶିଷ୍ଟ ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉକ୍ତ ବସ୍‌ରେ ପ୍ରାୟ ୪୦ରୁ ୪୫ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ଜଣ ଆହତ ହୋଇଥିବାବେଳେ ୬ଜଣଙ୍କ ଅବସ୍ଥା ଗୁରୁତର ଅଛି। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଟାଙ୍ଗୀ ଦମକଳ ବାହିନୀ ସହାୟତାରେ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଚାନ୍ଦପୁର ଏବଂ ଟାଙ୍ଗୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ବସ୍ ଡ୍ରାଇଭର ଅଖିଳ ବେହେରା (୫୫), ଯାତ୍ରୀ ଅନୀତା ସାହୁ (୧୪), ରଙ୍ଗଲତା ତାଡ (୬୨), ଅନୀତା ସାହୁ (୩୫), ଭୁବନେଶ୍ୱର ମହନ୍ତ (୪୫) ଏବଂ ବନମାଳୀ ପ୍ରଧାନ (୨୭)ଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଆହତ ବସଯାତ୍ରୀଙ୍କ ଘର ନିକଟସ୍ଥ ଟାଙ୍ଗୀ, ଚାନ୍ଦପୁର, ନାରୁଣୀ, ବାଲୁଗାଁ ଅଞ୍ଚଳରେ ବୋଲି ଜଣାପଡ଼ିଛି। ବେଷ୍ଟଛକଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତାହାର ପ୍ରତିକାର ଦାବି ସହ ସେଠାରେ ଏକ ଓଭରବ୍ରିଜ ନିର୍ମାଣ ଦାବିରେ ସ୍ଥାନୀୟ ଲୋକମାନେ ଅପରାହ୍ନ ୪ଟାରୁ ସେଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଥାନା ଏସଆଇ ଏସ.ଏସ. ହରୋ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ୨ଘଣ୍ଟା ପରେ ଅର୍ଥାତ ସନ୍ଧ୍ୟା ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଖବରପାଇ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ସେଠାରେ ପହଞ୍ଚି ଘଟଣାର ତଦାରଖ କରିଥିଲେ।




ଦୁର୍ଘଟଣାଗ୍ରସ୍ତ ବସ୍।

# ଜାତୀୟ ରାଜପଥରେ ଲୁଟେରାଙ୍କ ଟ୍ରକ ଡ୍ରାଇଭରଙ୍କୁ ଆକ୍ରମଣ

**ରଣପୁର, ୩୧।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଚାନ୍ଦପୁର ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ରାତିରେ ଲୁଟେରାଙ୍କ ଆକ୍ରମଣରେ ୨ଟି ଗାଡିର ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଗୁରୁବାର ରାତ୍ରିରେ ଚାନ୍ଦପୁର ଜାତୀୟ ରାଜପଥର ଚମ୍ପାଗଡ ଗ୍ରାମଠାରେ ୨ଟି ଟ୍ରକର ଚାଳକ ବିଶ୍ରାମ ନେବା ପାଇଁ ସେଠାରେ ରହିଥିଲେ। ଭୋର ୫ଟାରେ ୨ଟି ବାଇକ୍‌ରେ ଲୁଟେରାମାନେ ସେଠାରେ ପହଞ୍ଚି ଟ୍ରକର ଡ୍ରାଇଭରମାନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେମାନଙ୍କ ଗାଡିର କାଚ ଭାଙ୍ଗିଦେବା ସହିତ ଟଙ୍କା ମାଗିଥିଲେ। ମାତ୍ର ସେମାନେ ଏହାକୁ ବିରୋଧ କରିବାରୁ ଲୁଟେରାମାନେ ଠେଙ୍ଗା ଏବଂ ଲୁହାରଡରେ ମାଡ ମାରି ସାଙ୍ଗରେ ଆଣିଥିବା ଦାଆରେ ସେମାନଙ୍କୁ ହାଣି ଲହୁ ଲୁହାଣ କରି ଚାଲି ଯାଇଥିଲେ। ପରେ ସ୍ଥାନୀୟ ଲୋକମାନେ ଆହତଙ୍କୁ ଉଦ୍ଧାର କରି ଟାଙ୍ଗୀ ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।



ଆହତ ଦୁଇ ଟ୍ରକ୍ ଡ୍ରାଇଭର।

# ଜୀବନକୁ ନଷ୍ଟ କରିଦିଏ ତମାଖୁ





ଆୟୋଜିତ ବୈଠକରେ ଅତିଥିବୃନ୍ଦ ଓ ଘୁଡୁକି ଦ୍ୱାରା ସଚେତନତା କାର୍ଯ୍ୟକ୍ରମ।

**ଗଣିଆ,୩୧।୧(ଡି.ଏନ.ଏ.)**

## ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତମାଖୁ ସେବନ ଦ୍ୱାରା ଶାରୀରିକ ଓ ସାମାଜିକ କ୍ଷେତ୍ରରେ ପ୍ରଭାବ ପକାଉଥିବା କୁପରିଣତି ସମ୍ପର୍କରେ ଆଞ୍ଚଳିକ ସାଂସ୍କୃତିକ ପରିଷଦର କଳାକାରମାନେ ଘୁଡୁକି ନୃତ୍ୟ ପରିବେଷଣ କରି ସଚେତନତା ସୃଷ୍ଟି କରିଥିଲେ। ତମାଖୁ ସେବନ ଦ୍ୱାରା ଅମୂଲ୍ୟ ଜୀବନ ନଷ୍ଟ ହୋଇଯାଇଥାଏ। ଏହି ତମାଖୁ ସେବନ କରିବା ଫଳରେ ଶରୀରରେ ହୃଦଘାତ,ବିଭିନ୍ନ ପ୍ରକାର କର୍କଟ ଭଳି ମାରାତ୍ମକ ରୋଗ ହୋଇଥାଏ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ତମାଖୁ ସେବନର ଅଭ୍ୟାସରେ ପଡି ନିଜର କ୍ଷତି କରିବା ସହ ଅନ୍ୟର ମଧ୍ୟ କ୍ଷତି କରିଥାନ୍ତି, ଯାହାକି ଛୋଟ ପିଲାମାନଙ୍କୁ ବିପଥଗାମୀ କରିଥାଏ। ତମାଖୁ ସେବନର କୁପରିଣତି, ନିୟନ୍ତ୍ରଣ ଓ ନିରାକରଣ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ତମାଖୁ ସେବନକାରୀଙ୍କୁ ସଚେତନତା କରାଯାଇଥିଲା। ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିପିଏମ୍ ତୁଷାର ରଞ୍ଜନ ସାହୁ, ପିଏଚଇଓ କମଳା ମହାରଣା, ତମାଖୁ ସେବନକାରୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ।

# ଯୁବତୀଙ୍କୁ ପ୍ରତାରଣା, ଥାନାରେ ଏତଲା

**ଦିଗପହଣ୍ଡି,୩୧।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅଞ୍ଚଳର ଏକ ଗାଁରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ପ୍ରଥମେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଶାରିରୀକ ସମ୍ପର୍କ ଓ ବିବାହ ପାଇଁ କହିବାରୁ ଅଭିଯୁକ୍ତ ବିବାହିତ ରାଜମିସ୍ତ୍ରୀ ଯୁବତୀଙ୍କୁ ପ୍ରତାରଣା କରିଥିବା ଏତଲାରେ ଉଲ୍ଲେଖ ରହିଛି। ପ୍ରତାରିତା ଯୁବତୀ ଜଣକ ଏନେଇ କେ. ନୂଆଗାଁ ଥାନାରେ ଏତଲା ଦେଇଥିବା କହିଛନ୍ତି। ନଂ.୨୪/୨୦ରେ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ଗତ ପ୍ରାୟ ୧ବର୍ଷ ପୂର୍ବେ ଯୁବତୀଙ୍କ ସହ ତାଙ୍କର ଦେଖା ହୋଇଥିଲା। ଉଭୟେ ପରସ୍ପରଙ୍କୁ ଭଲ ପାଇ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ଡ଼ିସେମ୍ବର ୧୨ରେ ଅଭିଯୁକ୍ତ ଜଣକ ଯୁବତୀଙ୍କୁ ସାଥିରେ ନେଇ ଗାଁରୁ ଫେରାର ହୋଇଯାଇଥିଲେ। ପରେ ଯୁବତୀଙ୍କୁ ସେ ଧୋକ୍କା ଦେଇ ଫେରାର ହୋଇଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ଗ୍ରାମରେ ଦୁଇ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି।

# ପଞ୍ଚାୟତ ସମିତି ବୈଠକ

**ଦଶପଲ୍ଲା,୩୧।୧(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତିର ୮ମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ବିଡିଓ ଦେବୀପ୍ରସାଦ ମହାନ୍ତି, ଏମ୍‌ପି ପ୍ରତିନିଧି ପ୍ରଶନ୍ନ ସାହୁ, ଭାଇସଚେୟାରମ୍ୟାନ ବସନ୍ତ ସାହୁ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିପିଓ ଧର୍ମାନନ୍ଦ ପରିଡ଼ା ବିବରଣୀ ପାଠ କରିଥିଲେ। ବୈଠକରେ ପାନୀୟ ଜଳଯୋଗାଣ, ସାଧାରଣ ବଣ୍ଟନ, ଉନ୍ନୟନ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ ଓ ମୃର୍ତ୍ତିକା ସଂରକ୍ଷଣ, ଉନ୍ନୟନ ଯୋଜନା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ଦଶପଲ୍ଲା ସମେତ ବିଭିନ୍ନ ଆଦିବାସୀ ବହୁଳ ଅଞ୍ଚଳର ଉନ୍ନତି ଉପରେ ବିଧାୟକ ମତବ୍ୟକ୍ତ କରିଥିଲେ। ଉକ୍ତ ବୈଠକରେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଏବଂ ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ।



ସମିତି ବୈଠକରେ ଅତିଥିବୃନ୍ଦ।

# ଶିରିଡ଼ି ସାଇଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଦଶପଲ୍ଲା,୩୧।୧(ଡି.ଏନ୍.ଏ.)**

ଦଶପଲ୍ଲା କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ଶିରିଡ଼ି ସାଇ ମନ୍ଦିରଠାରେ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ବୁଧବାର ଅଙ୍କୁରାରୋପଣ, ଗୁରୁବାର ନଗରକୀର୍ତ୍ତନ ଓ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ଓ ପୁରୁଷ ସ୍ଥାନୀୟ ନଦୀରୁ କଳସରେ ଜଳ ଧରି ନଗର ପରିକ୍ରମା କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ୧ ତାରିଖ ପର୍ଯ୍ୟନ୍ତ ମନ୍ଦିର ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଜଣାଯାଇଛି।




କଳସରେ ଜଳ ଧରି ସାଇଭକ୍ତଙ୍କ ଶୋଭାଯାତ୍ରା।

# ନିଜେ ବଞ୍ଚିବା, ଅନ୍ୟକୁ ବଞ୍ଚାଇବା

**ଖଣ୍ଡପଡା,୩୧।୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ସମ୍ପ୍ରତି କଞ୍ଚାମାଲର ଅଭାବ ଏହି ଶିଳ୍ପ ପାଇଁ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ଏହି ସବୁ କାରିଗରମାନଙ୍କ ବିକାଶ ତଥା ଉନ୍ନତି ପାଇଁ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରିବା ଲକ୍ଷରେ ଜିଲା ଶିଳ୍ପକେନ୍ଦ୍ର ନୟାଗଡ ସୌଜନ୍ୟରୁ ଏକ ସଚେତନତା ଶିବିର କଣ୍ଟିଲୋ କଲ୍ୟାଣ ମଣ୍ଡପ ସଭାଗୃହରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ନୟାଗଡ ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ସୀତାରାମ ସାହୁ ଅଧ୍ୟକ୍ଷତା କରି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଶିଳ୍ପ ବିଭାଗ ପକ୍ଷରୁ କାରିଗରମାନଙ୍କ ବିକାଶ ନିମନ୍ତେ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ନିଖିଳ ଉତ୍କଳ କଂସାରୀ ସମାଜ ଓଡିଶାର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ସମିତିସଭ୍ୟ ସରୋଜ କୁମାର ମିଶ୍ର, ନୟାଗଡ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ କନ୍ଧିଆ ବେହେରା, ସହକାରୀ ପରିଚାଳକ ସମର ପ୍ରସାଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ କଣ୍ଟିଲୋରେ ଥିବା କଂସାରୀ କାରିଗରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେବା ସହ ସେମାନଙ୍କ ବିକାଶ ନିମନ୍ତେ ଶିଳ୍ପ ବିଭାଗ ପ୍ରସ୍ତୁତ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ଯୋଜନା କ୍ରମେ କାରିଗରମାନେ ତଥା ଉଦ୍ୟୋଗୀମାନେ ଜିଲା ଶିଳ୍ପକେନ୍ଦ୍ର ସହାୟତାରେ ଓଡିଶା




ବୈଠକରେ ମଞ୍ଚାସୀନ ଅତିଥିମାନେ।

## କଣ୍ଟିଲୋରେ ଶିଳ୍ପ ସଚେତନତା ଶିବିର

ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା କରାଯାଇଥିବା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରି ଉପସ୍ଥିତ କାରିଗରମାନଙ୍କୁ ଏଥିରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ଏହି ଯୋଜନାରେ କାରିଗରମାନେ ସାମିଲ ହୋଇ ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚାଇବା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏ ଅଞ୍ଚଳରେ ବେକାରୀ ସମସ୍ୟା ବୃଦ୍ଧି ପାଉଥିବା ବେଳେ ବିଭିନ୍ନଶିଳ୍ପ ଯୋଜନାକୁ ହାତକୁ ନେଇ ଉଦ୍ୟୋଗପତି ହେବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ସମୟରେ ଶିଳ୍ପ ବିଭାଗ ପକ୍ଷରୁ କାରିଗରମାନଙ୍କୁ ସହାୟତା ରାଶି (ବ୍ୟାଙ୍କ ଲୋନ ମାଧ୍ୟମରେ)ଯୋଗାଇବାର ବ୍ୟବସ୍ଥା କରାଯାଉଥିବା ବେଳେ ସ୍ଥାନୀୟ ଏକ ବ୍ୟାଙ୍କ କର୍ତ୍ତୃପକ୍ଷ ସମ୍ପୃକ୍ତ କାରିଗରମାନଙ୍କୁ ସେବା ଯୋଗାଇବାରେ ଅବହେଳା ପ୍ରଦର୍ଶନ କରୁଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏ ଦିଗରେ ଆଗାମୀ ଦିନରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ, ଶିଳ୍ପ ବିହୀନ ନୟାଗଡ ଜିଲାରେ ଛୋଟ ଓ ବଡ ଧରଣର ଶିଳ୍ପ ପ୍ରତିଷ୍ଠା କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ପ୍ରଶାସନିକ ଅଧିକାରୀମାନେ ସୂଚନା ଦେଇଛନ୍ତି। ୧୨ ଦିନ ଧରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ ବୋଲି ଜିଲା ଶିଳ୍ପ କେନ୍ଦ୍ର ସୂତ୍ରରୁ ପ୍ରକାଶ। ଅନ୍ୟତମ ଶିଳ୍ପ ବିଭାଗ ଅଧିକାରୀ ସମୀର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅଞ୍ଚଳର ସମବାୟବିତ୍ ତଥା ଶିଳ୍ପ ଉଦ୍ୟୋଗୀ ଶରତ ଚନ୍ଦ୍ର ମହାରଣାଙ୍କୁ ନୟାଗଡ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଆରମ୍ଭ ପୂର୍ବରୁ ଅତିଥିମାନେ ନୀଳମାଧବଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

## ସଂକ୍ଷେପରେ

### ଜିଲା ଯୋଗାଣ ଅଫିସ ଘେରିବ ଭାଜପା

**ବ୍ରହ୍ମପୁର ଅଫିସ,୩୧।୧:** ଗଞ୍ଜାମ ଜିଲାର ସବୁଠି ମଣ୍ଡି ଖୋଲନି। ଜିଲା ଯୋଗାଣ ବିଭାଗ ଓ ମିଲରଙ୍କ ଅସାଧୁ ସମ୍ପର୍କ ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଯେଉଁ କେତେକ ମଣ୍ଡି ଖୋଲିଛି ସେ ସବୁଠାରେ ନିୟମ ପ୍ରକାରେ ଧାନ କିଣାଯାଉ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଆସନ୍ତା ୧୮ ତାରିଖରେ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ ଘେରାଉ କରାଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ଓ ପୂର୍ବତନ ସଭାପତି କାହ୍ନୁ ଚରଣ ପତି ଶୁକ୍ରବାର ବ୍ରହ୍ମପୁରରେ ଆହୁରି କହିଛନ୍ତି ଅବ୍ୟବସ୍ଥା ମଧ୍ୟରେ ଯେଉଁ ଚାଷୀଙ୍କ ଧାନ ସମବାୟ ସୋସାଇଟି ଦ୍ୱାରା କିଣାଯାଉଛି, ତ୍ୱରିତ ପ୍ରାପ୍ୟ ପୈଠ କରାଯାଉନାହିଁ। ଫଳରେ ଚାଷୀ ହିନସ୍ତା ମଧ୍ୟ ହେଉଛନ୍ତି। ସମସ୍ୟାର ସମାଧାନ ଦିଗରେ ସରକାର ଆଖିବୁଜି ଦେଇଥିବା ପତି କଟାକ୍ଷ କରିଛନ୍ତି। ତେଣୁ ସରକାରୀ ଟାର୍ଗେଟ ଫେଲ ମାରିବ ବୋଲି ସେ ଆଶଙ୍କା କରିଛନ୍ତି। ଅସାଧୁ ମିଲର ଓ ଯୋଗାଣ ବିଭାଗର ଖାମଖିଆଲି ନୀତି ଯୋଗୁ ଆନ୍ଧ୍ର ଦଲାଲମାନେ ଗାଁ ଗାଁ ବୁଲି ଧାନ ନେଉଥିବା ଭାଜପା ନେତା ଦର୍ଶାଇଛନ୍ତି।

### ୩ ଫେରାର୍ ଅଭିଯୁକ୍ତ ଗିରଫ

**ପାଟପୁର,୩୧।୧:** ପାଟପୁର ପୋଲିସ ଗୁରୁବାର ରାତିରେ ୩ ଜଣ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଧର୍ମପୁରର ବଙ୍ଗାଳି ନାୟକ, ନନ୍ଦ ନାୟକ, ସୁବାସ ବିଷୋୟୀ। ଶୁକ୍ରବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଅଜୟ କୁମାର ବାରିକ କହିଛନ୍ତି। ବିଭିନ୍ନ ଫୌଜଦାରି ମାମଲାରେ ସମ୍ପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବାରୁ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ଜାମିନବିହୀନ ଗିରଫ ଫରୱାନା ବଳରେ ଅଭିଯୁକ୍ତଙ୍କୁ ପୋଲିସ ଧରିଛି। ଗତ ୪ ଦିନ ମଧ୍ୟରେ ପାଟପୁର ପୋଲିସ ପକ୍ଷରୁ କରାଯାଇଥିବା ଧରପଗଡ଼ ଅଭିଯାନରେ ୧୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### ନିଶାସକ୍ତ ବାଇକ୍ ଚାଳକଙ୍କୁ କୋର୍ଟ ଚାଲାଣ

**ପାଟପୁର,୩୧।୧:** ପାଟପୁର ପୋଲିସ ଶୁକ୍ରବାର ଜଣେ ନିଶାସକ୍ତ ବାଇକ୍ ଚାଳକଙ୍କୁ ନନ୍ ଏଫ୍ଆଇଆର୍ ମାମଲା ନଂ. ୨୦/୨୦ ଅନୁଯାୟୀ କୋର୍ଟ ଚାଲାଣ କରିଛି। ସେ ହେଲେ ପାଟପୁର ଥାନା ସିଙ୍ଗିପୁର ଗ୍ରାମର ଏସ.କୃଷ୍ଣ ଦୋରା। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ପଳାଶପୁର ଛକ ନିକଟରେ ପୋଲିସ ପକ୍ଷରୁ ଯାନବାହନ ଧରପଗଡ଼ ଚାଲିଥିବା ବେଳେ ନିଶାସକ୍ତ ଅବସ୍ଥାରେ ବାଇକ୍ ଚଳାଉଥିବା ଅଭିଯୁକ୍ତଙ୍କୁ ବ୍ରେଥ୍ ଏନାଲାଇଜର ମେଶିନ ଦ୍ୱାରା ପରୀକ୍ଷା କରି ଗିରଫ କରାଯାଇଥିଲା।

# ପାଚେରିରେ ଅଟକିଛି ପ୍ଲାନେଟାରିୟମ ନିର୍ମାଣ

**ବ୍ରହ୍ମପୁର ଅଫିସ,୩୧।୧**

ଗୋପାଳପୁର ବେଳାଭୂମି ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ନିମନ୍ତେ ବିକ୍ରମପୁରଠାରେ ରାଜ୍ୟର ତୃତୀୟ ପ୍ଲାନେଟାରିୟମ ଓ ସାଇନ୍ସ ପାର୍କ ନିର୍ମାଣ ପାଇଁ ଯୋଜନା ହୋଇଛି । ହେଲେ କାର୍ଯ୍ୟରେ ଅଗ୍ରଗତି ହେଉ ନ ଥିବାରୁ ଏହା କେବଳ ଘୋଷଣାରେ ରହିଯିବା ଭଳି ମନେହେଉଛି। ପ୍ଲାନେଟାରିୟମ ପାଇଁ ଗତ ମାର୍ଚ୍ଚରୁ ପାଚେରି ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ଆଉ ପଥର ଖଣ୍ଡିଏ ମଧ୍ୟ ପଡିନାହିଁ । ଫଳରେ ପ୍ଲାନେଟାରିୟମ ଓ ସାଇନ୍ସ ପାର୍କ ପ୍ରକଳ୍ପ ବାସ୍ତବ ରୂପ ନେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏଥିରୁ ଗଞ୍ଜାମ ଜିଲାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଉଦାସୀନତା ସ୍ପଷ୍ଟ ପ୍ରତିଫଳିତ ହେଉଥିବା ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଗୋପାଳପୁର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ଆକର୍ଷଣୀୟ କରାଇବା ନେଇ ପଠାଣି ସାମନ୍ତ ପ୍ଲାନେଟାରିୟମ ଢାଞ୍ଚାରେ ଏକ ପ୍ଲାନେଟାରିୟମ ଓ ସାଇନ୍ସ ପାର୍କ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା । ଏଥିପାଇଁ ୨୦୧୮ ଜାନୁୟାରୀରେ ବିକ୍ରମପୁରଠାରେ ୧୦ ଏକର ଜାଗା ଚିହ୍ନଟ କରାଯାଇ ୫ ଏକର ଜମିରେ ସାଇନ୍ସ ପାର୍କ ଓ ଅନ୍ୟ ୫ ଏକର ଜମିରେ ପ୍ଲାନେଟାରିୟମ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଥିଲା । ଏହାର ନିର୍ମାଣ କାର୍ଯ୍ୟ ଇଡକୋ (ଓଡିଶା ଶିଳ୍ପ ଭିତ୍ତିଭୂମି ବିକାଶ ବିଭାଗ)କୁ ହସ୍ତାନ୍ତର କରାଯାଇଥିଲା । ୧୨ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ କେବଳ ପ୍ଲାନେଟାରିୟମ ପାଚେରି ନିର୍ମାଣ ପାଇଁ ୨୦୧୮ ଏପ୍ରିଲରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ୪୯ ଲକ୍ଷ ଟଙ୍କା ଇଡକୋକୁ ହସ୍ତାନ୍ତର କରିଥିଲା । ସେହିବର୍ଷ ନଭେମ୍ବରରୁ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଗତ ମାର୍ଚ୍ଚ ମାସରେ ଶେଷ ହୋଇଥିଲା । ଏହାବ୍ୟତୀତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ରାଜ୍ୟ ଇଡକୋ କାର୍ଯ୍ୟାଳୟକୁ ସାଇନ୍ସ ପାର୍କର ନିର୍ମାଣ କାର୍ଯ୍ୟ ହାତକୁ ନେବାକୁ ୨୦୧୯ ଫେବୃୟାରୀ ୪ରେ ଏକ ଚିଠି ମାଧ୍ୟମରେ ଅବଗତ କରାଇଥିଲା । ବରଗଡ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଚୁକୁରଲାଠାରେ ଥିବା ସାଇନ୍ସ ପାର୍କ ଢାଞ୍ଚାରେ ସାଇନ୍ସ ପାର୍କ ନିର୍ମାଣ କରିବା ସହ ୬.୫ କୋଟି ଟଙ୍କାର ବ୍ୟୟ ବରାଦ କରାଯିବା ନେଇ ମଧ୍ୟ ଉକ୍ତ ପ୍ରସ୍ତାବିତ ଚିଠିରେ ଦର୍ଶାଇଥିଲା । ଇତିମଧ୍ୟରେ ସାଇନ୍ସ ପାର୍କ ପାଇଁ ଆସିଥିବା ପ୍ରସ୍ତାବିତ ଚିଠି ଓ ପାଚେରି ନିର୍ମାଣକୁ ବର୍ଷେ ବିତିବାକୁ ଯାଉଛି । ତଥାପି ଏହି ପ୍ରକଳ୍ପ ଅଗ୍ରଗତି ତଥା ନିର୍ମାଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଅନ୍ୟପକ୍ଷରେ ବ୍ରହ୍ମପୁରସ୍ଥିତ ଇଡକୋ ଆଞ୍ଚଳିକ ମୁଖ୍ୟ ଅଶୋକ କୁମାର ମିଶ୍ରଙ୍କ କହିଛନ୍ତି, ପାଚେରି ନିର୍ମାଣ ପରେ ସାଇନ୍ସ ପାର୍କ ପାଇଁ କେବଳ ପ୍ରସ୍ତାବିତ ଚିଠି ଆସିଥିଲା । କିନ୍ତୁ ଏ ନେଇ ବାରମ୍ବାର ବୈଠକ ବସିଥିଲେ ମଧ୍ୟ ସାଇନ୍ସ ପାର୍କ ଓ ପ୍ଲାନେଟାରିୟମ ନିର୍ମାଣ ପାଇଁ ଅର୍ଥ ସରକାରଙ୍କ ପକ୍ଷରୁ ଆସି ନ ଥିବା ଇଡକୋର ଆଞ୍ଚଳିକ ମୁଖ୍ୟ କହିଛନ୍ତି ।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲାର ଗୋପାଳପୁର ବେଳାଭୂମି ପ୍ରତି ପର୍ଯ୍ୟଟକଙ୍କ ଆକୃଷ୍ଟ କରିବାକୁ ବିଗତ ଦିନରେ ରାଜ୍ୟର ପ୍ରଥମ ରକ୍ ଗାର୍ଡେନ ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ବିଡିଏ ଦ୍ୱାରା ନିର୍ମାଣ ହେଉଥିବା ଏହି ରକ୍ ଗାର୍ଡେନ ନିର୍ମାଣ ପାଇଁ ଅର୍ଥ ପ୍ରଦାନରେ ବିଳମ୍ବ ଯୋଗୁଁ ଦୀର୍ଘ ଦେଢ ବର୍ଷ ଧରି ଏହି ପ୍ରକଳ୍ପ କେବଳ ପାଚେରିରେ ସୀମିତ ରହିଥିଲା । ସେହିପରି ଦୀର୍ଘ ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ମଧ୍ୟ ବିଡିଏ ପକ୍ଷରୁ ଗୋପାଳପୁର ଇକୋ ରିଟ୍ରିଟ ହବ କାର୍ଯ୍ୟ ମଧ୍ୟ ଏ ଯାଏଁ ସରିନାହିଁ। ଉପରୋକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଲକ୍ଷ୍ୟ କଲେ ପ୍ଲାନେଟାରିୟମ ଓ ସାଇନ୍ସ ପାର୍କର ବସ୍ତବତା ରୂପ ନେବା ନେଇ ସନ୍ଦେହ ସୃଷ୍ଟି ହୋଇଛି ।



ବିକ୍ରମପୁରଠାରେ ପ୍ଲାନେଟାରିୟମ ନିର୍ମାଣ ପାଇଁ ଚିହ୍ନଟ ଜମି ।

- ଗଞ୍ଜାମ ପର୍ଯ୍ୟଟନକୁ ଅବହେଳା
- ଚିଠିରେ ଅଟକିଛି ସାଇନ୍ସ ପାର୍କ କାର୍ଯ୍ୟ
- ଅର୍ଥ ଅପେକ୍ଷାରେ ଇଡ୍କୋ କର୍ତ୍ତୃପକ୍ଷ

### ଜେସିବି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

**ପାଟପୁର,୩୧।୧**

ପାଟପୁର ଥାନା ଦଶେଇପୁର ଗ୍ରାମ ନିକଟରେ ଥିବା ଏକ କ୍ରସର ୟୁନିଟିରେ ଶୁକ୍ରବାର ଜେସିବି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦଶେଇପୁର ଗ୍ରାମର ଦାମ ନାୟକ। ପାଟପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ମାମଲା ନଂ. ୧୭/୨୦ ରୁଜୁ ହୋଇଛି। ଶ୍ରମିକ ଜଣକ ପ୍ରତିଦିନ ଭଳି ଶୁକ୍ରବାର ସକାଳେ ଉକ୍ତ କ୍ରସରରେ କାମ କରୁଥିଲେ। ତେବେ ଚାଳକଙ୍କ ଅସାବଧାନତା କାରଣରୁ ତାଙ୍କୁ ଜେସିବି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦାମଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବାପା ଲକ୍ଷ୍ମଣ ନାୟକ ପାଟପୁର ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# 'ଲକ୍ଷ୍ୟ ପୂରଣ ପାଇଁ ଅଧ୍ୟୟନ ଜରୁରୀ'





ଅତିଥିମାନେ ମୁଖପତ୍ରଙ୍କୁ ଉନ୍ମୋଚନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୩୧।୧**

ବ୍ରହ୍ମପୁରସ୍ଥିତ କୁଇନ ମିଶନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରଙ୍ଗେଇଲୁଣ୍ଡା ବିଇଓ ଡ. ପ୍ରଭାତୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାହିତ୍ୟିକା ଡ. ସୂଚନା ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲକ୍ଷ୍ୟପୂରଣ ପାଇଁ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବା ଜରୁରୀ ବୋଲି କହିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଦନ ମୋହନ ପଟ୍ଟନାୟକ, ବିରୂପାକ୍ଷ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ଉନ୍ମୋଚିତ ହୋଇଥିଲା । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଂଯୁକ୍ତା ଦାଶ, କେଦାର ସାହୁ, ଗୋପାଳକୃଷ୍ଣ ପାଢୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ପୁରସ୍କାର ବିତରଣ ଉତ୍ସବ

**ବ୍ରହ୍ମପୁର ଅଫିସ,୩୧।୧**

ଲାଞ୍ଜିପଲ୍ଲୀ ନିକଟସ୍ଥ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତିର ସଭାପତି ଡା. ପ୍ରମୋଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡିଏଭି ପବ୍ଲିକ ସ୍କୁଲର ଅବସରପ୍ରାପ୍ତ ଅଧ୍ୟକ୍ଷା ଦୀପ୍ ଗମ୍ଭୀର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ନୀଳକଣ୍ଠନଗର ସରସ୍ୱତୀ ଶିଶୁ ମନ୍ଦିର ଅଧ୍ୟକ୍ଷ ଉମାଧବ ମହାନ୍ତି ମୁଖ୍ୟବକ୍ତା, ଖଲ୍ଲିକୋଟ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପିକା ସନ୍ଧ୍ୟାରାଣୀ ପଟ୍ଟନାୟକ, ନୀଳକଣ୍ଠନଗର ଶିଶୁ ମନ୍ଦିର ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଆସିକା ଆରୟାନ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ପରବିନ୍ଦର ସିଂ ଗମ୍ଭୀର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଇଂରାଜୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷା ପ୍ରଦାନ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍କୁଲର ଅଧ୍ୟକ୍ଷ ଇଂ. ଅଶୋକ କୁମାର ପାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଦସ୍ୟ ଇଂ ଚିତ୍ତରଞ୍ଜନ ସାହୁ, ଗିରିଧର ପାଢୀ, ଶ୍ୟାମଳାଇ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ସ୍କୁଲର ପ୍ରଶାସକ ରମାକାନ୍ତ ରଥ ଏବଂ ସାଗରିକା ବରାଡ, ସୁନନ୍ଦା ଲେଙ୍କା, ପି. ସରିତା, ରଶ୍ମିତା ବିଶ୍ୱାଳ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଚାଇନାରୁ ଫେରିଛନ୍ତି ୪ ଯୁବକ

**ବ୍ରହ୍ମପୁର ଅଫିସ,୩୧।୧**

**କରୋନା ଭୂତାଣୁ ସଂକ୍ରମଣ ଭୟ**

ଚାଇନାରୁ ଚିହ୍ନଟ 'କରୋନା' ଭୂତାଣୁ ଏବେ ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଛି । ଭାରତର ପ୍ରଥମ କରୋନା ଭୂତାଣୁ ସଂକ୍ରମିତ ରୋଗୀ କେରଳର ଥ୍ରିଶୂର ଜିଲାରେ ଚିହ୍ନଟ ହେବା ପରେ ଏବେ ଚାଇନାରୁ ଫେରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଛି। ଚାଇନାରେ ରହି କାମ କରୁଥିବା ବ୍ରହ୍ମପୁରର ୪ ଯୁବକ ଗତ କିଛି ବ୍ୟବଧାନରେ ନିଜ ନିଜ ଘରକୁ ଫେରିଛନ୍ତି। ତେବେ ସେମାନେ କରୋନା ଆକ୍ରାନ୍ତ ହୋଇ ନ ଥିଲେ ମଧ୍ୟ ସଂକ୍ରମଣ ଭୟ ଘାରିଛି।ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା କରୋନା ଆକ୍ରାନ୍ତ କିମ୍ବା ସଂକ୍ରମଣ ସନ୍ଦେହରେ କୌଣସି ବ୍ୟକ୍ତି ବ୍ରହ୍ମପୁର ବଡ଼ ମେଡିକାଲକୁ ଆସି ନ ଥିବା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ମିଶ୍ର କହିଛନ୍ତି।

ଚାଇନାରେ ପ୍ରତିବର୍ଷ ଜାନୁୟାରୀ ୨୪ରୁ ୩୧ ତାରିଖ ଯାଏ ସ୍ପ୍ରିଙ୍ଗ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ସପ୍ତାହେ ବ୍ୟାପୀ ଛୁଟି ହୋଇଥାଏ। ଏହି ଛୁଟି କାଟିବା ଓ କରୋନା ଭୟ ଥିବାରୁ ଚାଇନାରେ ମେଡିସିନ କମ୍ପାନୀରେ କାମ କରୁଥିବା ବ୍ରହ୍ମପୁରର ୩ ଯୁବକ ଘରକୁ ଫେରିଛନ୍ତି। ସେହିପରି ଅନ୍ୟ ଜଣେ ଯୁବକଙ୍କ ବିବାହ ହେବାକୁ ଥିବାରୁ ସେ ଘରକୁ ଆସିଛନ୍ତି। ଚାଇନାର ବେଜିଂ ଓ ସଂଘାଇରୁ ଏହି ଯୁବକମାନେ ଭାରତ ଆସିଥିଲେ। ଦିଲ୍ଲୀ ଓ କଲିକତା ବିମାନବନ୍ଦରରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା (ସ୍କ୍ରିନିଂ ଟେଷ୍ଟ) କରାଯାଇଥିଲା। ତେବେ କାହାରିଠାରେ କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ଦେଖାଯାଇନାହିଁ। ଏ ନେଇ ବ୍ରହ୍ମପୁର ବଡ଼ ମେଡିକାଲ ସୁପେରିଣ୍ଟେଣ୍ଡେଣ୍ଟ ମିଶ୍ର କହିଛନ୍ତି ଯେ, କାଜୁଆଲଟି ଉପର ମହଲାରେ କରୋନା ଭୂତାଣୁରେ ଆକ୍ରାନ୍ତ ରୋଗୀ ମାନଙ୍କ ପାଇଁ ୧୦ ଶଯ୍ୟା ବିଶିଷ୍ଟ ୱାର୍ଡ ଖୋଲାଯାଇଛି। ଏ ପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ରୋଗୀ ଏଠାକୁ ଆସି ନ ଥିବା ସେ ସୂଚନା ଦେଇଛନ୍ତି।

# ବସ୍ ପଛରେ ଧକ୍କା ହେଲା ବାଇକ୍, ୨ ଗୁରୁତର

**ଦିଗପହଣ୍ଡି,୩୧।୧(ଡି.ଏନ.ଏ.)**

ଦିଗପହଣ୍ଡି ସହର ଉପକଣ୍ଠ ହନୁମାନ ଛକ ନିକଟ ମୁଖ୍ୟ ରାସ୍ତାରେ ଶୁକ୍ରବାର ଯାତ୍ରୀବାହୀ ବସ୍ ପଛକୁ ଏକ ବାଇକ୍ ଧକ୍କା ଦେବାରୁ ୨ ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ଥାନା ଓଡାସିଙ୍ଗି ଗ୍ରାମର ଏମ୍.ଦିୱାନ ରେଡ୍ଡୀ (୨୫) ଏବଂ ଧର୍ମେନ୍ଦ୍ର ସେଠୀ (୨୩)। ପୂର୍ବାହ୍ନରେ ଉଭୟେ ବାଇକ୍‌ରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ବସ୍ ପଛପଟେ ପିଟି ହୋଇ ରାସ୍ତା ଉପରେ ପଡ଼ିଥିଲେ। ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଏମ୍.ଦିୱାନଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ବ୍ରହ୍ମପୁର ଅଫିସ,୩୧।୧**

ବ୍ରହ୍ମପୁର ବାରାକ୍ସ ଉଚ୍ଚ ବିଦ୍ୟାଳୟର ଇ.ଡବ୍ଲୁ.ଏମ୍. ଛାତ୍ରୀ ନିବାସରେ ଶୁକ୍ରବାର ବିଦ୍ୟାଳୟର ପ୍ରଧାନଶିକ୍ଷକ, ପରିବେଶବିତ ତଥା ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ପ୍ରତାପ ଚନ୍ଦ୍ର ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ ସଭାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ପ୍ରମୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବାଳକୃଷ୍ଣ ଗୌଡ଼ ପରିଚାଳନା କରିଥିଲେ। ଉଷାରାଣୀ ମହାପାତ୍ର, ସଂଯୁକ୍ତା ପାଢ଼ୀ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଶିବ କୁମାର ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିନକରେ ୧୦୦ କୋଟିର କାରବାର ଠପ୍

**ବ୍ରହ୍ମପୁର ଅଫିସ,୩୧।୧**

**ବ୍ୟାଙ୍କ ଧର୍ମଘଟ**

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ସମୂହ ୨ ଦିନିଆ ଧର୍ମଘଟ ଆରମ୍ଭ କରିଛନ୍ତି। ଶୁକ୍ରବାର ପ୍ରଥମ ଦିନରେ ଗଞ୍ଜାମ ଜିଲାର ପ୍ରମୁଖ ସହର ବ୍ରହ୍ମପୁରରେ ପ୍ରାୟ ୧୦୦ କୋଟି ଟଙ୍କାର କାରବାର ଠପ୍ ହୋଇଯାଇଛି। ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନର ନେତାମାନେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୬ ଦଫା ଦାବି ପୂରଣ ଦିଗରେ କେନ୍ଦ୍ର ସରକାରଙ୍କ ଅଣଦେଖା ପ୍ରତିବାଦରେ ହୋଇଥିବା ଏହି ଆନ୍ଦୋଳନ ଧର୍ମଘଟ ଯୋଗୁ ଗ୍ରାହକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଟିଏମ କାଉଣ୍ଟରଗୁଡିକରେ ଟଙ୍କା ଉଠାଣ ଲାଗି ଗ୍ରାହକଙ୍କ ଲମ୍ବାଧାଡ଼ି ଲାଗିଥିବା ଦେଖାଯାଇଥିଲା।

ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଅଶୋକ ଦାସଙ୍କ ସୂଚନାନୁସାରେ ୨୦୧୭ ନଭେମ୍ବର ମାସରେ ହୋଇଥିବା ଏକାଦଶ ଦ୍ୱି-ପାକ୍ଷିକ ରାଜିନାମା ଓ ମଜୁରୀ ବୃଦ୍ଧି ନେଇ ବୁଝାମଣା କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ପେନସନ ଅପଗ୍ରେଡେଟ୍ ଏବଂ ନୂଆ ପେନସନ ଯୋଜନା ବାତିଲ କରିବା ଦାବି ପ୍ରତି କେନ୍ଦ୍ର ସରକାର ଅବହେଳା କରିଛନ୍ତି। ଅନ୍ୟପକ୍ଷରେ ବ୍ୟାଙ୍କ ଅଫିସରଙ୍କ ନିମନ୍ତେ କାର୍ଯ୍ୟ ସମୟ ଧାର୍ଯ୍ୟ, ସପ୍ତାହକୁ ୫ ଦିନ ବ୍ୟାଙ୍କ କାର୍ଯ୍ୟ କରାଯିବା, ସମାନ କାମକୁ ସମାନ ଦରମା ଓ ଠିକା କର୍ମଚାରୀଙ୍କ ପ୍ରତି ଏହା ଲାଗୁ କରିବା ଦାବି ନେଇ ଆନ୍ଦୋଳନ କରାଯାଇଛି। ଶନିବାର ମଧ୍ୟ ଧର୍ମଘଟ ଅବ୍ୟାହତ ରହିବ ବୋଲି ସେ କହିଛନ୍ତି। ସମନ୍ୱୟ ସମିତି ସଭାପତି ପ୍ରତାପ ଚୌଧୁରୀଙ୍କ ସମେତ ସୁନେଜ ପାଣିଗ୍ରାହୀ, ଗୋପାଳ କୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଆନ୍ଦୋଳନ ନେତୃତ୍ୱ ନେଇଥିଲେ। ଦାବି ପୂରଣ କରା ନ ଗଲେ ପୁନର୍ବାର ଧର୍ମଘଟ କରାଯାଇ ବ୍ୟାଙ୍କ ସେବାକୁ ଅଚଳ କରିଦେବାର ବିଇଏଫଆଇ ପକ୍ଷରୁ ଚେତାବନୀ ଦିଆଯାଇଛି।

# ହ୍ରାସ ପାଉଛି ଅଟୋରିକ୍ସା ଯାତ୍ରୀଙ୍କ ସଂଖ୍ୟା

**ବ୍ରହ୍ମପୁର ଅଫିସ, ୩୧।୧**

ବ୍ରହ୍ମପୁର ମହାନଗର ନିଗମରେ ସିଟି ବସ ଚାଳାଚଳ ଯୋଗୁ ଅଟୋର ଚାହିଦା କ୍ରମଶଃ କମିବାରେ ଲାଗିଛି। ବ୍ରହ୍ମପୁରରେ ପୂର୍ବରୁ ଗୋପାଳପୁର, ଛତ୍ରପୁର, ହିଞ୍ଜିଳିକାଟୁ ଓ ତାରାତାରିଣୀ ଶକ୍ତିପୀଠ ଗୋଳନ୍ଥରା ନିକଟ ଭୈରବୀପୀଠ ହଳଦିଆପଦର କନିଷ୍ଠି ପାଇଁ ଚଳାଚଳ ହେଉଥିଲା । ଇତିମଧ୍ୟରେ ଜଗଦଳପୁରକୁ ମଧ୍ୟ ସିଟି ବସ ଚଳାଚଳ କରୁଛି। ସିଟି ବସ୍ ଚଳାଚଳ ଦ୍ୱାରା ସ୍ଥାନୀୟ ଅଟୋ ରିକ୍ସାରେ ଯାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି । ସିଟି ବସ୍ ବେପରୁଆ ଭାବେ ଚଳାଚଳ ହେଉଥିବା ଯୋଗୁ ବିଭିନ୍ନ ସମୟରେ ଅଟୋକୁ ଧକ୍କା ଦେଉଥିବା ସମ୍ପୃକ୍ତ ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ସିଟି ହସ୍‌ପିଟାଲ ଛକ ଅଟୋ ଷ୍ଟାଣ୍ଡରେ ବର୍ତ୍ତମାନ ଅଟୋଗୁଡ଼ିକ ଧାଡ଼ି ଧାଡ଼ି ହୋଇ ଠିଆ ହୋଇଛି । ଯାତ୍ରୀ ନ ଥିବା ଯୋଗୁ ଅଟୋ ଡ୍ରାଇଭରମାନେ ଅପେକ୍ଷାରେ ନୟାନ୍ତ ହେଉଛନ୍ତି । ଅଟୋ ଠିକରେ ନ ଚାଲିବା ଯୋଗୁ ରୋଜଗାର ମଧ୍ୟ ଏକ ପ୍ରକାର ହ୍ରାସ ପାଇବାରେ ଲାଗିଛି। ସିଟି ବସ୍ ଓ ଅଟୋ ସଂଘ ମଧ୍ୟରେ ବହୁଥର ଆଲୋଚନା ହୋଇଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇ ନ ଥିବା କୁହାଯାଇଛି । ବ୍ୟାଙ୍କ ଋଣ ନେଇ ଅଟୋ କିଣିଥିବା ଯୋଗୁ ଠିକ୍ ସମୟରେ ଋଣ ପରିଶୋଧ କରିପାରୁନଥିବା ଅଟୋଚାଳକମାନେ ପ୍ରକାଶ କରିଛନ୍ତି।



## ସେମାନେ ଯାହା କୁହନ୍ତି



ସିଟି ହସ୍‌ପିଟାଲ ଷ୍ଟାଣ୍ଡରେ ୭୬ ଅଟୋ ରହିଛି । ସମସ୍ତେ ଲୋନ କରି କିଣିଥିବା ଯୋଗୁ ସେମାନେ ଠିକ୍ ସମୟରେ ଶୁଝି ପାରୁ ନାହାନ୍ତି । ଦିନକୁ ଦିନ ତୈଳ ଦର ବୃଦ୍ଧି ଓ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ଯୋଗୁ ବହୁ ଅସୁବିଧା ଭୋଗିବାକୁ ପଡୁଛି । ବର୍ତ୍ତମାନ ସିଟି ବସ୍ ପାଖାପାଖି ଅଞ୍ଚଳକୁ ଚଳାଚଳ ପାଇଁ ମଧ୍ୟ ଯାତ୍ରୀଙ୍କ ସଂଖ୍ୟା କମିଯାଉଛି ।

**–ମୁନା ବେଗ (ସିଟି ହସ୍‌ପିଟାଲ ଛକ ଅଟୋ ଷ୍ଟାଣ୍ଡ ସାଧାରଣ ସମ୍ପାଦକ)**



ଏହି ଅଟୋ ଷ୍ଟାଣ୍ଡରେ ୭୬ ଅଟୋ ରହିଛି । ସିଟି ବସ୍ ଚଳାଚଳ ଫଳରେ ଅଟୋ ଚାହିଦା କମିବାରେ ଲାଗିଛି । ସିଟି ବସ୍‌ଗୁଡ଼ିକ ଠିକ୍ ରାସ୍ତାରେ ନ ଯାଇ ରାସ୍ତା ଜାମ୍ ଯୋଗୁ ବିଭିନ୍ନ ପ୍ରକାର ଅସୁବିଧା ହେଉଛି। ବେଳେ ବେଳେ ସିଟି ବସ୍ ଅଟୋ ସହ ଧକ୍କା ଦେବା ଯୋଗୁ ଅଟୋ ଖରାପ ହେବା ସହ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**– ଏନ୍. ଶୋଭା ପାତ୍ର ( ଅଟୋ ଷ୍ଟାଣ୍ଡ ଶାଖା ସମ୍ପାଦକ)**

ମୁଁ ପ୍ରାୟ ଦୀର୍ଘ ୨୨ ରୁ ୨୩ ବର୍ଷ ହେବ ଅଟୋ ଡ୍ରାଇଭର ଭାବେ କାମ କରୁଛି। ଦିନକୁ ଦିନ ଏହାର ଚାହିଦା କମିବାରେ ଲାଗିଛି । ରାସ୍ତା ଜାମ୍ ଯୋଗୁ ଅଧିକାଂଶ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅଟୋ ଚଳାଇ ଗୁଜୁରାଣ ମେଣ୍ଟାଇବା ସମ୍ଭବ ହେଉନାହିଁ ।



**–ସୁବାସ ଚନ୍ଦ୍ର ବେହେରା, ଅଟୋ ଡ୍ରାଇଭର**



ପ୍ରାୟ ୧୦ ବର୍ଷ ହେବ ଅଟୋ ଚାଳକ ଭାବେ କାମ କରୁଛି । ଦିନକୁ ଦିନ ଅଟୋର ଚାହିଦା କମିବାରେ ଲାଗିଛି । ଫଳରେ ରୋଜଗାର ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି । ପରିବାର ଚଳାଇବା କଷ୍ଟ ହୋଇପଡୁଛି । ସିଟି ବସ୍ ଚଳାଚଳ, ଡ଼ିଜେଲ ଦର ବୃଦ୍ଧି ଯୋଗୁ ଅଟୋ ଭଡ଼ା କମିବା ସହ ଚାହିଦା ମଧ୍ୟ କମିଯାଉଛି ।

**–ଶିବା ସେଠୀ, ଅଟୋ ଡ୍ରାଇଭର( ସିଟି ହସ୍‌ପିଟାଲ ଅଟୋ ଷ୍ଟାଣ୍ଡ )**